

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
29 YEARS
# ସମ୍ବାଦ କଳିକା
The Sambad Kalika ™
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ–୩୦ • ସଂଖ୍ୟା–୩୫୦ • ୧୯ ଜାନୁଆରୀ ୨୦୨୪, ଶୁକ୍ରବାର • ଭୁବନେଶ୍ୱର • Vol -30 • Issue-350 • 19th January 2024, Friday • Bhubaneswar
Licensed to post without pre-payment of postage No- BN-60/22-24



27 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଜାନୁଆରୀ ୨୦୨୪ ଶୁକ୍ରବାର





# ଖାଦ୍ୟ ଆୟୋଗ ସଦସ୍ୟଙ୍କ ଭଦ୍ରକ ଗସ୍ତ:ଯାଞ୍ଚ କଲେ ଖାଦ୍ୟ ସାମଗ୍ରୀର ମାନ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟ ଦୟାନିଧି ଦାଶ ଭଦ୍ରକ ଜିଲ୍ଲାର ଭଦ୍ରକ ବ୍ଲକ ଓ ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ଖାଉଟୀ ସାମଗ୍ରୀ ବଣ୍ଟନ କେନ୍ଦ୍ର ଅଚାନକ ବୁଲି ଦେଖିଥିଲେ । ଭଦ୍ରକ ବ୍ଲକ୍‌ର ବ୍ରହ୍ମପୁର ପଞ୍ଚାୟତର ସୁଲଭ ଖାଉଟୀ ସାମଗ୍ରୀ ବଣ୍ଟନ କେନ୍ଦ୍ରରେ ଚାଉଳ ବଣ୍ଟନ ଚାଲିଥିବା ବେଳେ ପହଞ୍ଚି ହିତାଧିକାରୀମାନଙ୍କ ଠାରୁ ସିଧାସଳଖ ମତାମତ ନେଇଥିଲେ । ଖାଉଟୀମାନେ ସନ୍ତୋଷ ପ୍ରକଟ କରିଥିବା ବେଳେ ବଣ୍ଟନ କେନ୍ଦ୍ର ସମ୍ମୁଖରେ ସମସ୍ତ ହିତାଧିକାରୀଙ୍କ ତାଲିକା ଟଙ୍ଗାଇବା ପାଇଁ ପରାମର୍ଶ ଦେଇଥିଲେ । ଯେଉଁ ହିତାଧିକାରୀଙ୍କ ମୃତ୍ୟୁ ଘଟିଛି ସେମାନଙ୍କ ନାମ ତାଲିକାରୁ କାଟି ନୂଆ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଭଦ୍ରକ ବ୍ଲକର ସାବରଙ୍ଗ ବଡ଼ ଗୋପାଳ ସାହି ଓ ସାନଗୋପାଳସାହି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବା ସମୟରେ ଅଙ୍ଗନବାଡ଼ି କେନ୍ଦ୍ର ବିଳମ୍ବରେ ଖୋଲାଯିବା ନେଇ ଶ୍ରୀ ଦାଶ ନିଜର ଅସନ୍ତୋଷ ପ୍ରକାଶ କରିବା ସହ ଅଙ୍ଗନବାଡ଼ି କର୍ମୀଙ୍କୁ ନିଜର ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ଭଦ୍ରକ ବ୍ଲକ୍‌ର ବ୍ରହ୍ମପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ମାନ ପରୀକ୍ଷା କରିବା ସହ ପାନୀୟ ଜଳ ଓ ପରିବେଶ ପ୍ରତି ସଜାଗ ରହିବାକୁ ପ୍ରଧାନଶିକ୍ଷୟିତ୍ରିଙ୍କୁ ପରାମର୍ଶ ଦେଇଥିଲେ । ସେହିଭଳି ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟ ବାସୁଦେବପୁର ବ୍ଲକର ପଦ୍ମପୁର ମହାରଣା ସାହି ଅଙ୍ଗନବାଡ଼ି କେନ୍ଦ୍ର, ଭରୁଣିଆ, ଅଲବଗା-୧ ଅଙ୍ଗନବାଡ଼ି କେନ୍ଦ୍ର ମଧ ପରିଦର୍ଶନ କରିଥିଲେ । ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ବୁଲି ଖାଦ୍ୟର ମାନ ଯାଞ୍ଚ କରିଥିଲେ ।





# ମିସ୍ତ୍ରୀଙ୍କ ପୁଅ ହେଲେ ଭୂବୈଜ୍ଞାନିକ

ଚିକିଟି, ନ୍ୟୁଜ୍ ବ୍ୟୁରୋ

ଚିକିଟିଗଡ଼ କୁମ୍ଭାର ସାହିର ସୁମନ ବେହେରା ଭୂବୈଜ୍ଞାନିକ ଭାବେ ମନୋନୀତ ହୋଇଛନ୍ତି । କଠିନ ପରିଶ୍ରମ ଓ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ତାଙ୍କୁ ଏହି ସଫଳତା ମିଳିଛି । ୟୁପିଏସ୍‌ସି ଆୟୋଜିତ ସର୍ବ ଭାରତୀୟ ଜିଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆର ଜିଓ ସାଇଣ୍ଟିଷ୍ଟ ପରୀକ୍ଷା ଫଳରେ ସେ ୧୧ତମ ସ୍ଥାନ ପାଇ ଜିଓ ବୈଜ୍ଞାନିକ ଭାବେ ମନୋନୀତ ହୋଇଥିବାରୁ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି । ସେ ଜଣେ ମେଧାବୀ ଛାତ୍ର ଭାବେ ଅଞ୍ଚଳରେ ପରିଚିତ ଥିଲେ । ସେ ଚିକିଟିଗଡ଼ରେ ପ୍ରାଥମିକ ବିଦ୍ୟାଳୟଠୁ କଲେଜ ସ୍ତର ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ସେ କୁମ୍ଭାର ସାହିର ନରସିଂହ ବେହେରାଙ୍କ ପୁତ୍ର । ବାପା ମିସ୍ତ୍ରୀ କାମ କରନ୍ତି ।

# ଜାନୁଆରୀ ୨୦ ସୁଦ୍ଧା ଖରିଫ ଧାନ କ୍ରୟ ଲକ୍ଷ୍ୟ ପୂରଣ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୨୦୨୩-୨୪ ବର୍ଷ ପାଇଁ ଖରିଫ ଧାନ କ୍ରୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ଅଧକ୍ଷତା କରି ଜିଲ୍ଲାର ଧାନ କ୍ରୟରେ ବ୍ୟବସ୍ଥିତ ଓ ସଠିକ୍ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାରେ ଯେପରି ଧାନ କିଣା ବିକାରେ ସମସ୍ୟା ନହୁଏ ସେଥିପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । ବୈଠକରେ ଜିଲ୍ଲା ଯୋଗାଣ



ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ ଜିଲ୍ଲାରେ ଖରିଫ ଧାନ କ୍ରୟ ବିକ୍ରୟର କାର୍ଯ୍ୟକାରିତାର ସୂଚନା ପ୍ରଦାନ କରି କହିଲେ ଯେ ଜିଲ୍ଲାରେ ଅଦ୍ୟାବଧି ମୋଟ ୫୩୩୧୪ ଜଣ ଚାଷୀ ୧୪ ତାରିଖ ପର୍ଯ୍ୟନ୍ତ ପ୍ରାୟ ୨୯ ଲକ୍ଷ କୁଇଣ୍ଟାଲ ଧାନ ବିକ୍ରୟ କରିଛନ୍ତି । ସମସ୍ତ ସୋସାଇଟି ଓ ମିଲର ମାନଙ୍କୁ ଆବଣ୍ଟନ କରାଯାଇଥିବା ମୋଟ ୩୨ ଲକ୍ଷ କୁଇଣ୍ଟାଲ ଧାର୍ଯ୍ୟ ଲକ୍ଷ ମଧ୍ୟରୁ ପ୍ରାୟ ୨ ଲକ୍ଷ କୁଇଣ୍ଟାଲ ଧାନ ବିଭିନ୍ନ ମଣ୍ଡିରେ କ୍ରୟ ଓ ତତ୍‌ପରେ ଉଠାଣ ଅପେକ୍ଷାରେ ଗଚ୍ଛିତ ଥିବାର ରିପୋର୍ଟ ହସ୍ତଗତ ହୋଇଥିବା ସୂଚନା ଦେଇଥିଲେ । ପ୍ରାୟ ୧ ଲକ୍ଷ କୁଇଣ୍ଟାଲ ଧାର୍ଯ୍ୟ ଲକ୍ଷ ମିଲର ମାନଙ୍କ ନିକଟରେ ବଳକା ଅଛି । ଏଣୁ ଟାର୍ଗେଟ୍ ସମ୍ବନ୍ଧରେ ଜିଲ୍ଲାରେ କୌଣସି ସମସ୍ୟା ନାହିଁ । ମୋଟ ୩ ଲକ୍ଷ କୁଇଣ୍ଟାଲ ଧାର୍ଯ୍ୟ ଲକ୍ଷକୁ ସମସ୍ତ ମିଲରମାନେ ଆଗାମୀ ୨୦ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ଉଠାଣ କରିବାକୁ ଜିଲ୍ଲାପାଳ ଶ୍ରୀ ରାୟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାର ମିଲରମାନେ ଧାନ ଉଠାଣରେ ବିଫଳ ହେଲେ ଅନ୍ୟ ଜିଲ୍ଲାର ମିଲର ମାନଙ୍କୁ ଏହି କାର୍ଯ୍ୟରେ ନିୟୋଜନ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ । ସମସ୍ତ ବିଭାଗୀୟ ଅଧିକାରୀ, ଧାନ କ୍ରୟ ଓ ଧାନ ଉଠାଣ କାର୍ଯ୍ୟକୁ ନିୟମିତ ଭାବେ ତଦାରଖ କରିବା ଓ ତଦନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଥିଲେ । ଉପଜିଲ୍ଲାପାଳ ସୋନପୁର, ବୀରମହାରାଜପୁର, ଜିଲ୍ଲା ଯୋଗାଣ ଅଧିକାରୀ, ସମସ୍ତ ସହକାରୀ ଯୋଗାଣ ଅଧିକାରୀ, ସମସ୍ତ ଯୋଗାଣ ନିରୀକ୍ଷକ, ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି, ବୀରମହାରାଜପୁର ଓ ସମସ୍ତ ରାଇସ୍ ମିଲ୍ କର୍ତ୍ତୃପକ୍ଷ ଏହି ବୈଠକରେ ଯୋଗଦେଇଥିଲେ । ପରିଶେଷରେ ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଭିଏମ୍ ଓ ଭିଭି ପାଟ ମେସିନ୍‌ରେ ମତଦାନ ପ୍ରକ୍ରିୟା ପ୍ରଦର୍ଶନ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଉପଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ କରକମଳରେ ଆସନ୍ତା ସାଧାରଣ ନିର୍ବାଚନରେ ଜନସାଧାରଣ ଯେପରି ବ୍ୟବସ୍ଥିତ ଓ ସଠିକ୍ ଭାବେ ସେମାନଙ୍କ ବହୁମୂଲ୍ୟ ମତଦାନ ପ୍ରଦାନ କରିପାରିବେ, ସେଥିପାଇଁ ସର୍ବସାଧାରଣଙ୍କ ସଚେତନତା ନିମନ୍ତେ ଉପଜିଲ୍ଲାପାଳ ସୋନପୁରଙ୍କ କାର୍ଯ୍ୟାଳୟ ଠାରେ ଇଭିଏମ ଓ ଭିଭି ପାଟ ମେସିନ୍‌ରେ ମତଦାନର ପ୍ରକ୍ରିୟା ପ୍ରଦର୍ଶନର ସଚେତନତା କେନ୍ଦ୍ରର ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳଙ୍କ ସମେତ ଉପଜିଲ୍ଲାପାଳ ଡ଼. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ତହସିଲଦାର, ସମସ୍ତ କର୍ମଚାରୀ ମହିଳା କଲେଜ୍ ଓ ବିଭିନ୍ନ କଲେଜ୍ ଛାତ୍ରଛାତ୍ରୀ ବୁଦ୍ଧିଜୀବୀ ମିଡ଼ିଆ ଉପସ୍ଥିତ ଥିଲେ ।

# କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ରାଜ୍ୟସ୍ତରୀୟ ରାମାୟଣ ଅଧିବେଶନ




କଟକ, ନ୍ୟୁଜ୍ ବ୍ୟୁରୋ

ଆଧ୍ୟାତ୍ମିକ ଅନୁଷ୍ଠାନ କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ରାଜ୍ୟସ୍ତରୀୟ ରାମାୟଣ ଅଧିବେଶନ ତେଲେଙ୍ଗାବଜାର ସ୍ଥିତ ଶ୍ରୀଶ୍ରୀ ରଘୁନାଥ ଜୀୟୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ମାରୁତୀଶ୍ରୀ ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ତଳସୀପୁର ମଉନୀବାବା ମଠର ବାବାଜୀ ପୁରଣଦାସ ମହାରାଜ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ କଟକ ମହାନଗର ନିଗମର ମେୟର ସୁବାଷ ସିଂହ, ମୁଖ୍ୟବକ୍ତା ଭାବେ ବାରବାଟି-କଟକର ବିଧାୟକ ଇଂମହମ୍ମଦ ମୋକିମ୍, ବରେଣ୍ୟ ଅତିଥି ଭାବେ ସିଦ୍ଧଗିରି ଆଶ୍ରମର ବାବା ବିଶ୍ୱନାଥ ଦାସ ମହାରାଜ, ଅନ୍ୟତମ ଅତିଥି ଭାବେ ଆଇନଜୀବୀ ଅମରେନ୍ଦୁ ମହାନ୍ତି, କଟକ ମହାନଗର ଶାନ୍ତିକମିଟିର ସଭାପତି ଦେବେନ୍ଦ୍ର ସାହୁ, ସଂପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତିକମିଟିର ସଭାପତି ବିଜୟ ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ପ୍ରଦୀପ ସାହୁ, ଡା. ରବିରଞ୍ଜନ ସାହୁ, ସମିତିର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଦାଶ, ଦେବାଶିଷ ରାୟ, ପୂର୍ଣ୍ଣଚନ୍ଦ୍ର ସିଂହ ପ୍ରମୁଖ ଯୋଗଦେଇ ଦେବଭୂମି ଉତ୍କଳର ଗାରିମାମୟ ଅନୁଷ୍ଠାନ କେନ୍ଦ୍ରୀୟ ରାମଲୀଳାପ୍ରଚାର ସମିତି । ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ଘରେ ଘରେ ପ୍ରଭୁ ଶ୍ରୀରାମଙ୍କ ନାମ ପ୍ରଚାର କରି ସମାଜରୁ କଳିର କରାଳ ରୁପକୁ ସମ୍ପୂର୍ଣ୍ଣ ଦୂର କରି ରାମରାଜ୍ୟ ପ୍ରତିଷ୍ଠା କରିବା ଉଦ୍ୟମକୁ ପ୍ରଶଂସା କରିବା ସହ ସହଯୋଗର ହାତ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ କଳାହାଣ୍ଡି ରାମଲୀଳା ସମିତିର ସଭାପତି ପ୍ରକାଶ କୁମାର ଭୋଇ, ନୟାଗଡ ରାମଲୀଳା ସମିତିର ସଭାପତି ନାରାୟଣ ପ୍ରଧାନ, ଖୋର୍ଦ୍ଧା ରାମଲୀଳା ସମିତିର ସଭାପତି ଦେବାଶିଷ ଶତପଥି, ପୁରୀ ରାମଲୀଳା ସମିତିର ସଭାପତି କିଶୋର ଚନ୍ଦ୍ର ପ୍ରଧାନ ସହ ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ରାମଲୀଳା ଅନୁଷ୍ଠାନ ଓ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ସମିତିର ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ । ଲୋକସମ୍ପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପସଭାପତି ନଳିନୀ କୁମାର ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ । ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ସ୍ୱାଇଁ ସମିତିର ଅଗ୍ରଗତି ସମ୍ପର୍କରେ ଅବଗତି କରାଇଥିଲେ । ପ୍ର. ଅନଙ୍ଗ ଦ୍ୱିବେଦୀ, ବନମାଳି ଦାସ, ବସନ୍ତ କୁମାର ସେଠୀ, ସୁରେଶ ଚନ୍ଦ୍ର ମହାନ୍ତି, ବୀରେନ୍ଦ୍ର କୁମାର ସାହୁ, ସୁବାଷ କୁମାର ସାହୁ, କୌଶିକ ଜେନା, ଦିବାକର ମୁଦୁଲି, ଶିବେନ୍ଦ୍ର ବେହେରା, ଚକ୍ରଧର ମହାରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସମିତିର କୋଷାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ବିଜୟ ବେହେରା, ସୋମନାଥ ଦାସ, ଯତୀନ୍ଦ୍ର ଦାସ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଦେବୀପ୍ରସନ୍ନ ମହାପାତ୍ର, ରଣଜିତ ଜେନା, ଜିତୁ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଚିତ୍ରୋତ୍ପଳା ଦକ୍ଷିଣ ନଦୀବନ୍ଧ ରାସ୍ତାର ଶିଳାନ୍ୟାସ

ନିଶ୍ଚିନ୍ତକୋଇଲି, ନ୍ୟୁଜ୍

ମହାନଦୀ ଚିତ୍ରୋତ୍ପଳା ଦ୍ୱିପାଞ୍ଚଳର ଚିତ୍ରୋତ୍ପଳା ଦକ୍ଷିଣ ନଦୀ ବନ୍ଧ ରାସ୍ତାର ପ୍ରଶସ୍ତି କରଣ ଓ ସୁଦୃଢ଼ୀ କରଣ କାର୍ଯ୍ୟର ଶୁଭଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାନ୍ତପୁର ଚିତ୍ରୋତ୍ପଳା ସେତୁ ନିକଟରେ ଅନୁଷ୍ଠିତ ଉତ୍ସବରେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ରାସ୍ତାକାର୍ଯ୍ୟର ଶୁଭଦାନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ବିଧାୟକ ଶ୍ରୀ ବେହେରା କହିଥିଲେ ଯେ, ଏହି ରାସ୍ତା ନିର୍ମାଣ ହେବାଦ୍ୱାରା ବଳରାମପୁର ଠାରୁ ମହମ୍ମଦପୁର ପର୍ଯ୍ୟନ୍ତ ନଦୀବନ୍ଧ ପ୍ରଶସ୍ତ ହେବା ସହ ସୁଦୃଢ଼ ହେବ । ଯଦ୍ୱାରା ବନ୍ୟାଜନିତ ଭୟ ରହିବନାହିଁ । ଉତ୍ସବରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅନୁପ କୁମାର ବେହେରା, ଏହି ରାସ୍ତା ନିର୍ମାଣ ନିମନ୍ତେ ୪୯ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ଓ ୩୦ ଫୁଟ ଓସାର ବିଶିଷ୍ଟ ହେବ ବୋଲି କହିଥିଲେ । ଜିଲ୍ଲା ପରିଷଦ ସଭ୍ୟ ବିଳାସ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲାପରିଷଦ ସଦସ୍ୟା ଶୁଭଶ୍ରୀ ମହାନ୍ତି ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ସରପଞ୍ଚ ବିଶ୍ୱ ଭୂଷଣ ନାୟକ, ମିଳନ ଭୂୟାଁ, ପ୍ରାକ୍ତନ ସରପଞ୍ଚ ସରୋଜ ବେହେରା, ନୃସିଂହ ଚରଣ ମୁଦୁଲି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଯୁବ ନେତା ପ୍ରମୋଦ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ମୋ ଭାରତ ବିକଶିତ ଭାରତ’ ନେଇ ବକ୍ତୃତା ପ୍ରତିଯୋଗିତା

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଯୁବ ବ୍ୟାପାର କ୍ରୀଡା ମନ୍ତ୍ରାଳୟ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗ୍‌ଦର୍ଶନ ୟୁଥ୍‌କ୍ଲବ ଅନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଯଶୋଦା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଦିଗ୍‌ଦର୍ଶନ ଅନୁଷ୍ଠାନର ପ୍ରତିଷ୍ଠାତା ସୁଶ୍ରୀ ବିଜୟଲକ୍ଷ୍ମୀ ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୋ ଭାରତ ବିକଶିତ ଭାରତ ସମ୍ପର୍କରେ ପ୍ରତିଯୋଗୀ ମାନେ ବକ୍ତବ୍ୟ ରଖିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଯୋଗଦେଇ




ଉଦ୍‌ଘାଟନ କରିବା ସହ ବିକଶିତ ଭାରତ କ୍ଷେତ୍ରରେ ଯୁବ ସମାଜର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଗଞ୍ଜାମ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଡ଼. ଲୋକନାଥ ମିଶ୍ର, ଯଶୋଦା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଲିପିକା ଦାଶ, ଗଞ୍ଜାମ ପ୍ରେସ୍ କ୍ଲବ୍ ସଭାପତି ଶବର କୁମାର ତରାଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ଦିଗ୍‌ଦର୍ଶନ ଅନୁଷ୍ଠାନର ସଭାପତି ଉମାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ପିତା ପଣ୍ଡା ପ୍ରଥମ, ଆର. ଧବଳେଶ୍ୱର ରେଡ଼ି, ଦ୍ୱିତୀୟ, ଅରଶ୍ମିତା ମହାରଣା ଓ ରଶ୍ମିରଞ୍ଜନ ସାହୁ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ଅର୍ପିତା ପଣ୍ଡା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଉପସଭାପତି ରାକେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସହ ସମ୍ପାଦକ ସୁଦର୍ଶନ ପାଢ଼ୀ, ସୁନିଲ କୁମାର ବେହେରା, ନେହେରୁ ଯୁବକେନ୍ଦ୍ର ବ୍ଲକ ସଂଯୋଜିକା ସୁଶ୍ରୀ ବିଷ୍ଣୁପ୍ରିୟା, ମହାପ୍ରସାଦ ମହାପାତ୍ର ପ୍ରମୁଖ ଅନୁଷ୍ଠାନର ସଦସ୍ୟ, ସଦସ୍ୟା ପ୍ରମୁଖ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା ।

# ଭାରସାମ୍ୟ ହରାଇ କାର୍‌କୁ ପଛରୁ ଧକ୍କା ଦେଲା ‘ମୋ ବସ୍’

ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ

ବାରଙ୍ଗ ମେଡ଼ିକାଲ ଛକରେ ‘ମୋ ବସ୍’ ଏକ କାର୍‌କୁ ପଛପଟରୁ ଧକ୍କା ଦେଇଛି । ଯାହାଫଳରେ କାର୍‌ରେ ଥିବା ଚାଳକ ସମେତ ୫ ଜଣ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ମଙ୍ଗଳବାର ସକାଳ ୯ଟା ସମୟରେ କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ରୁଟ୍ ନଂ ୧୮ ‘ମୋ ବସ୍’ଟି ଆଗରେ ଯାଉଥିବା ଏକ କାର୍‌କୁ ପଛରୁ ଧକ୍କା ଦେଇଥିଲା । ଫଳରେ କାର୍‌ଟି ଭାଙ୍ଗି ଯାଇଥିବା ବେଳେ କାର୍‌ରେ ବସିଥିବା ଲୋକମାନେ ଆହତ ହୋଇଥିଲେ । ଏହାକୁ ନେଇ ଉତ୍ତେଜନା ଦେଖାଦେବାରୁ ଖବରପାଇ ବାରଙ୍ଗ ଥାନା ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଥାନାକୁ ଆଣି ପଚାରଉଚରା କରିଥିଲେ । ପରେ ଷ୍ଟେସନ ଡାଇରୀ କରି ଛାଡ଼ିଥିଲେ ।

## ||||||||||||||| ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ |||||||||||||||

# ଚାଷ କ୍ଷେତ୍ରରେ ପାଣିର ଉଚିତ୍ ବ୍ୟବହାର ପାଇଁ ଚାଷୀଭାଇମାନଙ୍କୁ ପରାମର୍ଶ

ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ଜଳସେଚନ ଡାକବଙ୍ଗଳା ପ୍ରାଙ୍ଗଣରେ ନୂଆପଡା ଜଳସେଚନ ପ୍ରଭାଗ ତରଫରୁ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି । ନୂଆପଡା ଜଳସେଚନ ପ୍ରଭାଗର ଅଧିକ୍ଷଣ ଯନ୍ତ୍ରୀ ଉଜ୍ଜ୍ୱଳ ଜାନୀଙ୍କର ନେତୃତ୍ୱରେ ଆୟୋଜିତ ଏହି ପକ୍ଷପାଳନ ଅବସରରେ ନୂଆପଡା ଉପ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ରହିତ ମୁଖ୍ୟଅତିଥି ରୂପେ ଯୋଗଦେଇଥିବା



ବେଳେ ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଶିଶିର କୁମାର ମୁଣ୍ଡା, ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ରାମଲାଲ ହଂସ, ଜିଲ୍ଲା ପରିଷଦ ସଦସ୍ୟ ଅବନୀ ଯୋଶୀ ଓ ଭରତ ଲାଲ ରାଉତ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉପସ୍ଥିତ ଚାଷୀ ଭାଇ ମାନଙ୍କୁ ଉତ୍ସାହିତ କରିଥିଲେ । ପାଣିର ଉଚିତ୍ ବ୍ୟବହାର କରି ଚାଷ ଜମିକୁ କିପରି ଅଧିକ ଉପାର୍ଜନକ୍ଷମ କରି ନିଜକୁ କିପରି ଅଧିକରୁ ଅଧିକ ସୁଦୃଢ଼ କରିପାରିବେ ଏନେଇ ଅତିଥିଗଣ ମତବ୍ୟକ୍ତ କରିଥିଲେ । କୋମନା ବ୍ଲକ ଗନିହାରି ଗ୍ରାମରୁ ଆସିଥିବା କୁନି କୁନି କଳାକାର ନିଜ ନିଜ ସୁନ୍ଦର ପାରମ୍ପରିକ ନୃତ୍ୟ ପରିବେଷଣ କରି ମନୋରଞ୍ଜନ କରିଥିଲେ । ସୀମାଞ୍ଚଳ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଲୋକନ୍ନାଥ ରଥ, ତରୁଣ ନାୟକ, ସୌମ୍ୟରଞ୍ଜନ ନାଏକ, ଉଇଲିସନ କେରକେଟା, ବିଘ୍ନେଶ୍ୱର ପ୍ରଧାନ, ସୌରଭ ରଞ୍ଜନ ପ୍ରଧାନ, ଜନାର୍ଦ୍ଦନ ନାଏକ ପ୍ରମୁଖ ସହଯୋଗ କରିଥିଲେ ।



# ଆଇପିଏସ୍ ରାକେଶଙ୍କୁ ମିଳିଲା ଓଡ଼ିଶା କ୍ୟାଡର

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଭାରତୀୟ ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ସର୍ବଭାରତୀୟ ପ୍ରାଶାସନିକ ସେବା ପରୀକ୍ଷା-୨୦୨୨ରେ କୃତକାର୍ଯ୍ୟ ପରେ ଆଇପିଏସ୍ ଭାବେ ଚୟନ ହୋଇଥିବା ରାକେଶ କୁମାର ସାହୁଙ୍କୁ ଓଡ଼ିଶା କ୍ୟାଡର ମିଳିଛି । ରାକେଶ ଏବେ ହାଇଦ୍ରାବାଦ ସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜାତୀୟ ପୋଲିସ ଏକାଡେମିରେ ତାଲିମ ନେଉଛନ୍ତି । ତାଲିମ ଶେଷ ହେବା ପରେ ଓଡ଼ିଶା ସରକାରଙ୍କ ଅଧିନରେ ଆଇପିଏସ୍ ଅଫିସର ଭାବେ କାର୍ଯ୍ୟ କରିବେ । ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ମାନଲପୁର ନିବାସୀ ଅବସରପ୍ରାପ୍ତ ସେନାଧିକାରୀ ଭୀମସେନ ସାହୁଙ୍କ ପୁଅ ରାକେଶ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ । ଏହାପରେ କର୍ଣ୍ଣାଟକର ବେଙ୍ଗାଲୁରୁରେ ଥିବା ରାଷ୍ଟ୍ରୀୟ ମିଲିଟାରୀ ସ୍କୁଲରେ ଯୁକ୍ତ ଦୁଇ ଶିକ୍ଷା ସମାପ୍ତ କରିଥିଲେ । ପରେ ପରେ ଆଇଆଇଟି ଖଡ଼ପୁରରେ କରିଥିଲେ ମେଟାଲର୍ଜିକାଲ ଆଣ୍ଡ ମେଟେରିଆଲସରେ ଇଞ୍ଜିନିୟରିଂ । ଏହାପରେ ସେ ସିଭିଲ ସର୍ଭିସ ପାଇଁ ନୂଆଦିଲ୍ଲୀରେ ପ୍ରସ୍ତୁତି ଚଳାଇଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଅଭିଯୋଗ ଶୁଣାଣି:୫୮ ମାମଲା ପଞ୍ଜିକୃତ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟାୱରୀ, ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୫୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୮ଗୋଟି ଅଭିଯୋଗ, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୦୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୭ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣିରୁ ସହାୟତା ପାଇବା ପାଇଁ ୦୨ଟି, ଭତ୍ତା ସମସ୍ୟା ସମ୍ପର୍କୀୟ



୦୨ଟି, ପୋଲିସ ସହାୟତା ସମ୍ପର୍କୀୟ୦୨ଟି ଏବଂ ଅନ୍ୟାନ୍ୟ ୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୩ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି.ଆର୍, ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ, ମୁଖ୍ୟ ବିକାଶ-ତଥା- ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଉପ-ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜଗତସିଂହପୁର ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର ତାରିଣୀ ରଞ୍ଜନ ରାୟ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ । ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜଗତସିଂହପୁର ବ୍ଲକ୍‌ର ୨ ଜଣ ଦୃଷ୍ଟିବାଧିତ ଛାତ୍ରୀ ଶୁଭଶ୍ରୀ ଲେଙ୍କା ଓ ସରିତା ପ୍ରିୟଦର୍ଶିନୀ ସ୍ୱାଇଁଙ୍କୁ ଜିଲ୍ଲାପାଳ ପାରୁଲ ପଟାୱରୀ ଲାପ୍‌ଟପ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାଏକ ଉପସ୍ଥିତ ଥିଲେ ।

# ଜିଲ୍ଲାରେ ବୁଲିଲା ପାଣି ପଞ୍ଚାୟତ ରଥ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲା ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ରଥର ଶୁଭାରମ୍ଭ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ଏସ୍‌ଡିଓ ଧରଣୀଧର ବେହେରା, ପ୍ରମୋଦ କୁମାର ରାୟ, ପ୍ରଭାତ କୁମାର ସାହୁ, ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ରହି ରଥଟି ୮ଦିନ ଧରି



ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ପରିଭ୍ରମଣ କରି ଚାଷୀମାନଙ୍କୁ ପାଣି ପଞ୍ଚାୟତ ବାର୍ତ୍ତା ପହଁଚାଇବ, ଚାଷୀମାନେ ପାଣିର ସୁବିନିଯୋଗ, ଜଳ ସଂରକ୍ଷଣ କରିବା, କମ୍ ଜଳ ବ୍ୟବହାର ହେଉଥିବା କୃଷି ଦ୍ରବ୍ୟ ଚାଷ କରିବେ, ଚାଷୀମାନେ ପାଣି ପଞ୍ଚାୟତ ଗଠନ ପୂର୍ବକ କେନାଲଗୁଡିକର ରକ୍ଷଣା ବେକ୍ଷଣ କରିବେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ବିଭାଗ ଅଧିକାରୀ, ଉଦ୍ୟାନ କୃଷି ବିଭାଗ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀଙ୍କ ସହ ଜିଲ୍ଲା ସ୍ତରୀୟ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୧୯।୧।୨୦୨୪, ମାଘ ଦି୬ନ, ଶୁକ୍ରବାର

ସୂର୍ଯ୍ୟୋଦୟ- ଘ୦୬।୨୪।୪୫ ଚନ୍ଦ୍ରୋଦୟ- ଦିଘ୧୨।୦୬।୧୧

ନବମୀ- ରାଘ ୭।୫୨ ପର୍ଯ୍ୟନ୍ତ । ଦ୍ୱିଜା ନକ୍ଷତ୍ର - ରାଘ ୨।୫୧ ପର୍ଯ୍ୟନ୍ତ । ମେଷ ଚନ୍ଦ୍ର - ଦ୬୦ଣ୍ଡ । **ଚନ୍ଦ୍ର ଶୁଦ୍ଧି -** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ମେଷ ରାଶି । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୭।୫୨ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୯ ଗତେ ଘ ୭।୧୨ ମଧ୍ୟେ ଦିଘ ୧୨।୧୯ ଗତେ ଘ ୨।୩୧ ମଧ୍ୟେ ।


**ମେଷ:** ପରୋପକାରୀ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ । ମନ ଭଲ ରହିବ ।


**ବୃଷ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ନୂତନ କର୍ମାରମ୍ଭ କରିପାରନ୍ତି । ମହିଳାମାନେ ସୁଖୀ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।


**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଜୀବନ ସୁଖମୟ ହେବ । ନୂତନ ବନ୍ଧୁ ଦର୍ଶନର ସୂଚନା ।


**କର୍କଟ:** ବିବାଦୀୟ କ୍ଷେତ୍ରରୁ ଦୂରେଇ ରହିବା ଭଲ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ । ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ଅସହଯୋଗ ଦେଖାଦେବ । ମନ ଅସ୍ଥିର ରହିବ ।


**ସିଂହ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଶରୀର ସୁସ୍ଥ ରହିବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ ।


**କନ୍ୟା:** କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ରୋଜଗାର ସ୍ଥିର ରହିବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ନୂତନ ବନ୍ଧୁ ଦର୍ଶନ ।


**ତୁଳା:** ସାଧନାରେ ସିଦ୍ଧି ଲାଭ କରିବେ । ରୋଜଗାର ଭଲ ହେବ । ସମସ୍ତ କାର୍ଯ୍ୟ ସରୁଖୁରୁରେ ସମ୍ପାଦନ ହେବ । ଶତ୍ରୁ ନାଶ ହେବେ । ଗୃହେ ଆନନ୍ଦ ଲାଭ ହେବ । ଦେହ ଓ ମନ ଭଲ ରହିବ ।


**ବିଛା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ ନାହିଁ । ଏଣୁ ସାବଧାନତା ଶ୍ରେୟସ୍କର । ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବ ନାହିଁ । ଖର୍ଚ୍ଚର ପରିମାଣ ବଢ଼ିବ । ଘରେ କଳହ ଓ ଅଶାନ୍ତି ଦେଖାଦେବ ।


**ଧନୁ:** ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ । ଘରେ ଶାନ୍ତିର ବାତାବରଣ ରହିବ । ଆୟ ଓ ବ୍ୟୟ ସମାନ ରହିବ । ଦେବ ଦର୍ଶନ କରିପାରନ୍ତି । ମହିଳାମାନେ ସୁଖୀ ହେବେ । ପରୋପକାର କରିବେ ।


**ମକର:** ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଘରେ ଶାନ୍ତି ଲାଭ ।


**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟ ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ରୋଜଗାର ମଧ୍ୟମ ଧରଣର ହେବ । ପିଲାମାନେ ଖେଳକୁଦରେ ମାତିବାର ସୂଚନା ।


**ମୀନ:** ଅନେକ ଦିନର ଆଶା ଅଭିଳାଷା ଆପଣଙ୍କର ପୂର୍ଣ୍ଣ ହେବ । ଅସମ୍ପୂର୍ଣ୍ଣ କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଆୟ ଓ ବ୍ୟୟ ସମାନ ରହିବ । ମନ ଭଲ ରହିବ ।




# ‘ଆମ ସମ୍ବିଧାନ ଓ ଆମ ଅଧିକାର’ ଉପରେ ଆଲୋଚନା ଚକ୍ର

ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ

ଆନନ୍ଦପୁର ଘସିପୁରା ଭୀମ ଆର୍ମି ସଂଗଠନ ଓ ଆମ୍ବେଦକର ଯୁବକ ସଂଘ ବଣିଆପଶି ମିଳିତ ଆନୁକୁଲ୍ୟରେ ତରୁଆଁ ଗ୍ରାମପଞ୍ଚାୟତ ବଣିଆପଶି ଖେଳ ପଡ଼ିଆ ଠାରେ ଏକ ବିଶାଳ ଜନ ସମାବେଶ ତଥା ଆମ ସମ୍ବିଧାନ ଓ ଆମ ଅଧିକାର ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଦଳିତ ଅଧିକାରୀ ମଞ୍ଚ ସଭାପତି ମାନସ ଜେନା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ, ସ୍ତମ୍ଭକାର, ତଥା ରାଜ୍ୟ ମୁଳନୀବାସୀ ସମତା ପରିଷଦର ସଂଯୋଜକ ଅଭିରାମ ମଲ୍ଲିକ, ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ, ବରିଷ୍ଠ ଆମ୍ବେଦକରବାଦୀ ଲେଖକ ଗୋପିନାଥ ମଲ୍ଲିକ, ଭୀମ ଆର୍ମି ଜିଲ୍ଲା ସଭାପତି ସତ୍ୟବ୍ରତ ଜେନା, ବରିଷ୍ଠ ଶିକ୍ଷାବିତ୍ ଅଜୟ ମୁଖୀ, ଯୁବ ସମାଜସେବୀ ତଥା ଆଦିବାସୀ ନେତା ବିଜୟ ହେମ୍ବ୍ରମ, ସାମାଜସେବୀ ସୁରେଶ କୁମାର ଜେନା, ଶିକ୍ଷାବିତ୍ ବାଦଲ ଜେନା, ପୂର୍ବତନ ସରପଞ୍ଚ ପ୍ରତିନିଧି ତଥା ବରୁଣେଇ ନୋଡାଲ ବିଦ୍ୟାଳୟର ସଭାପତି ବୈଲୋଚନ ଜେନା, ୱାର୍ଡ଼ ସଭ୍ୟା ଅହଲ୍ୟା ଜେନା, ଗ୍ରାମର ବୟୋଜ୍ୟେଷ୍ଠ ମୁରବୀ ଜୀବନ ଜେନା, ମାୟାଧର ଜେନା,ଚକ୍ରଧର ଜେନା, ନୀଳମଣି ଜେନା, ନୃସିଂହ ମଲ୍ଲିକ, ଅଶୋକ ପେରେଇ ଏବଂ ସଭାର ମୁଖ୍ୟ ପରିଚାଳକ ତଥା ଅଧ୍ୟାପକ ଭୈରବ ଜେନା ଯୋଗଦେଇ ସମ୍ବିଧାନ ପ୍ରଦତ୍ତ ସାମାଜିକ ନ୍ୟାୟ, ଅର୍ଥନୈତିକ ସ୍ଥିତାବସ୍ଥା, ଶୈକ୍ଷିକ ବିକାଶ,ରାଜନୈତିକ ଅଧିକାର ଓ ବ୍ୟକ୍ତି ସ୍ୱତନ୍ତ୍ରତା ଏବଂ ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିବାରଣ ଆଇନ ପ୍ରଭୃତି ପ୍ରସଙ୍ଗକୁ ସୁନ୍ଦର ଭାବରେ ଉପସ୍ଥାପନ ଏବଂ ଆଲୋଚନା କରିବା ସହ ସମାଜ ପାଇଁ କାର୍ଯ୍ୟରତ ବହୁ ବରିଷ୍ଠ ଏବଂ ଯୁବ ନେତୃତ୍ୱଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଏବଂ ମାନପାତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଯୁବକ, ଯୁବତୀ ଏବଂ ମହିଳା ବରିଷ୍ଠ ନାଗରିକ ମାନେ ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି ସଭା ଟିର ମୁଖ୍ୟ ଆୟୋଜକ ଥିଲେ ରଶ୍ମିରଂଜନ ଜେନା, ରାଜେନ୍ଦ୍ର ଜେନା, ବାଇଧର ଜେନା, ନରେନ୍ଦ୍ର ମଲ୍ଲିକ, ପ୍ରଦୀପ କୁମାର ଜେନା, ଲଲାଟେନ୍ଦୁ ଜେନା, ସୁରେନ୍ଦ୍ର ଜେନା, କ୍ଷମାକରା ଜେନା, ଶଶୀକାନ୍ତ ଜେନା, ରଘୁନାଥ ଜେନା, ଶତ୍ରୁଘ୍ନ ଜେନା ଏବଂ ଗ୍ରାମବାସୀ ଏବଂ ସଂଗଠନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

୬ ଟି-୨୦ ର୍ୟାଙ୍କିଙ୍ଗ୍ : ଶ୍ରେଷ୍ଠ ୧୦ରେ ଯଶସ୍ୱୀ ଜୟସ୍ୱାଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
29 YEARS
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୦ ● ସଂଖ୍ୟା–୩୫୦ ● ୧୯ ଜାନୁଆରୀ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -30 ● Issue-350 ● 19th January 2024, Friday ● Bhubaneswar
Licensed to post without pre-payment of postage No- BN-60/22-24



# ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ସେବା ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ମା'ମାନଙ୍କ ପାଇଁ ଟିକେଟ୍ ମୂଲ୍ୟ ୫୦% ରହିବ

ଭୁବନେଶ୍ୱର, ୧୮।୧
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ଏହି ବସ୍‌ଗୁଡିକ ଜିଲ୍ଲା ସଦରମହକୁମାରୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମା'ମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ରେ ଟିକେଟର ମୂଲ୍ୟ ମାତ୍ର ୫୦ ପ୍ରତିଶତ ରହିବ। ସେ କହିଥିଲେ ଯେ ଲକ୍ଷ୍ମୀ ବସ୍ ଯୋଜନାରେ ମା'ମାନଙ୍କ ପାଇଁ ଟିକେଟ ଦାମ୍ ମାତ୍ର ୫ ଟଙ୍କା ରହିଛି। ଏହା ମା'ମାନଙ୍କ ପାଇଁ ବହୁ ସୁବିଧା ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



୫-ଟି ଉପକ୍ରମରେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍ ସେବା ଯୋଜନା ଅଧୀନରେ ଏହି ବସ୍ ସେବା ଆରମ୍ଭ ହୋଇଛି। ରାଜ୍ୟର ୩୦ଟି ଜିଲ୍ଲାରୁ ୮୦ଟି ସୁପର ପ୍ରିମିୟମ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଏହି ଯୋଜନାରେ ଚଳାଚଳ କରିବ।

ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୧୨ ଜିଲ୍ଲାରୁ ଏହି ସେବା ଆରମ୍ଭ ହେଲା। ଏହି ଜିଲ୍ଲାଗୁଡିକ ହେଲା- ବଲାଙ୍ଗୀର, ବରଗଡ, ଗଞ୍ଜାମ, ଝାରସୁଗୁଡା, କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ନୂଆପଡା, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟବାସୀଙ୍କୁ ପୁରୀଧାମ ଆସି ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ଲାଭ କରିବା ପାଇଁ ଆମର ଏହି ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ସେବା ଆରମ୍ଭ ହୋଇଛି। ଆପଣମାନେ ସମସ୍ତେ ଏହାର ସୁଯୋଗ ନିଅନ୍ତୁ ଓ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରନ୍ତୁ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ ମହାପ୍ରଭୁଙ୍କ ଇଚ୍ଛାରେ (ପୃଷ୍ଠା ୭ରେ)

# ଷ୍ଟାର୍ଟଅପ୍ କ୍ଷେତ୍ରରେ ଓଡ଼ିଶା ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ

ଭୁବନେଶ୍ୱର, ୧୮।୧
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଷ୍ଟାର୍ଟଅପ ସୁପରହିଟ। ଷ୍ଟାର୍ଟଅପ କ୍ଷେତ୍ରରେ ଓଡ଼ିଶାକୁ ମିଳିଛି କେନ୍ଦ୍ରର ସାବାସୀ। ନୂଆ ଉଦ୍ୟୋଗୀଙ୍କ ଲାଗି ଅନୁକୂଳ ଷ୍ଟାର୍ଟଅପ ପରିବେଶ ସୃଷ୍ଟି କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଓଡ଼ିଶା। କେନ୍ଦ୍ର ସରକାରଙ୍କ ରାଜ୍ୟ ଷ୍ଟାର୍ଟଅପ ତାଲିକାର ତାଜା ରିପୋର୍ଟରେ ଓଡ଼ିଶା ଟପ୍ ପରଫର୍ମର ଭାବେ ଉଭା ହୋଇଛି। ବିଭିନ୍ନ ମାନଦଣ୍ଡ ଆଧାରରେ ଓଡ଼ିଶା ବଡ଼ ବଡ଼ ରାଜ୍ୟ ମାନଙ୍କ ଗ୍ରୁପରେ ସ୍ଥାନ ପାଇଛି। ଉଦ୍ୟୋଗୀଙ୍କ ସଂଖ୍ୟା ବଢାଇବା ସହ ଆଗକୁ ଷ୍ଟାର୍ଟଅପ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବା ନେଇ ରାଜ୍ୟ ସରକାର କାମ କରୁଛନ୍ତି।

ଓଡ଼ିଶାକୁ ମିଳିଛି ପୁଣି କେନ୍ଦ୍ରର ସାର୍ଟିଫିକେଟ। ଷ୍ଟାର୍ଟଅପ କ୍ଷେତ୍ରରେ ଓଡ଼ିଶା ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ। ନୂଆ ଉଦ୍ୟୋଗୀଙ୍କ ପାଇଁ ଅନୁକୂଳ ପରିବେଶ ବଡ଼ କାରଣ। ନବୀନ ପରିକଳ୍ପନାରେ ବଡ଼ ରାଜ୍ୟଙ୍କ ଗ୍ରୁପରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ହୋଇଛି ସାକାର। ଷ୍ଟାର୍ଟଅପରେ ଓଡ଼ିଶା ଆଗଉଛି। ଟପ୍ ଫରଫର୍ମର ଭାବେ ଦେଶରେ ଉଭା ହୋଇଛି ଓଡ଼ିଶା। ଯାହାକୁ ସ୍ୱୀକୃତି ଦେଇଛନ୍ତି କେନ୍ଦ୍ର ସରକାର। ରାଜ୍ୟ ସରକାରଙ୍କ ବଳିଷ୍ଠ ନୀତି, ନୂଆ ଉଦ୍ୟୋଗ ପାଇଁ ମାସିକିଆ ପ୍ରୋତ୍ସାହନ, ପୁଞ୍ଜି ବିନିଯୋଗର ରାସ୍ତା ସାଙ୍ଗକୁ ମାର୍କେଟିଂ ପାଇଁ ସ୍ୱତନ୍ତ୍ର ଖସଡ଼ା ଷ୍ଟାର୍ଟଅପ ଓଡ଼ିଶାକୁ ସାରା ଦେଶରେ ଅଗ୍ରଣୀ କରିପାରିଛି। ୩୩ଟି ବିଭିନ୍ନ ମାନଦଣ୍ଡ ନେଇ ଡିପିଆଇଆଇଟି ରାଜ୍ୟ ଷ୍ଟାର୍ଟଅପ ର୍ୟାଙ୍କିଂ ୨୦୨୨ରେ ଓଡ଼ିଶାର ଟପ ପରଫର୍ମର ହୋଇଛି। ବିଶେଷକରି ନୂଆ ଉଦ୍ୟୋଗୀମାନଙ୍କ ଲାଗି ଅନୁକୂଳ ଷ୍ଟାର୍ଟଅପ ପରିବେଶ ସୃଷ୍ଟି କରିବାରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ଉଭା ହୋଇଛି। ଉଦ୍ୟୋଗୀ ସଂଖ୍ୟା ବଢାଇବା ଆମର ଲକ୍ଷ୍ୟ ବୋଲି ଷ୍ଟାର୍ଟଅପ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧକ୍ଷ ଡ. ଓମକାର ରାୟ କହିଛନ୍ତି। ଆଗକୁ ଷ୍ଟାର୍ଟଅପ (ପୃଷ୍ଠା ୭ରେ)




## ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବ ଅର୍ପଣ ରଥରେ ସଂଗୃହୀତ ଅର୍ଘ୍ୟ

ଭୁବନେଶ୍ୱର, ୧୮।୧
ନ୍ୟୁଜ୍ ବ୍ୟୁରୋ

ଭକ୍ତ ଦେଇଥିବା ଅର୍ଘ୍ୟ ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବ। ଅର୍ପଣ ରଥରେ ମହାପ୍ରଭୁଙ୍କ ପାଇଁ ସଂଗୃହୀତ ଚଉଳ, ଗୁଆ ଓ ଶ୍ରୀଫଳ ଆଦି ସମସ୍ତ ସାମଗ୍ରୀ ଅର୍ଘ୍ୟ ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବ। ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ପରିକ୍ରମା ପ୍ରକଳ୍ପ ଉଦଘାଟନ ପୂର୍ବରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଅର୍ପଣ ରଥ ଘୁରି ବୁଲିଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚଉଳ, ଗୁଆ ଓ ଶ୍ରୀଫଳ ପ୍ରଦାନ କରିଥିଲେ। ଯାହାକୁ ନେଇ ଅଯଥାରେ ପ୍ରଶ୍ନ ଉଠାଯାଇଥିବା ବେଳେ ଏହାକୁ ନେଇ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସେବାୟତ ମାନେ ସ୍ପଷ୍ଟ କରିଛନ୍ତି ମହାପ୍ରଭୁଙ୍କ ପାଇଁ ଭକ୍ତ ପ୍ରଦାନ କରିଥିବା ସମସ୍ତ ଜିନିଷକୁ ମହାପ୍ରଭୁଙ୍କ କାର୍ଯ୍ୟରେ ଲଗାଯିବ। ଏପରିକି ସଂଗୃହୀତ ଚଉଳକୁ ନିଯୋଗ ପକ୍ଷରୁ ରଖାଯିବା ସହ ମହାପ୍ରଭୁଙ୍କ ବିଭିନ୍ନ କାର୍ଯ୍ୟରେ ଲଗାଯିବ ବୋଲି ନିଯୋଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଅପ୍ରେଲ ୩୦ ସୁଦ୍ଧା ସରିବ ନାଟ ମଣ୍ଡପ ମରାମତି କାମ

## ହାଇକୋର୍ଟଙ୍କୁ ଜଣାଇଲେ ଆମିକସ କ୍ୟୁରୀ

କଟକ, ୧୮।୧ : ନ୍ୟୁଜ୍ ବ୍ୟୁରୋ

ହାଇକୋର୍ଟରେ ଶ୍ରୀମନ୍ଦିର ଜଗମୋହନ, ନାଟମଣ୍ଡପ ମରାମତି ମାମଲାର ଶୁଣାଣି ହୋଇଛି। ୧୦ ତାରିଖରେ ବିମ ଡିଜାଇନ ଚୂଡ଼ାନ୍ତ ହୋଇଥିବା ଆମିକସ କ୍ୟୁରୀ ହାଇକୋର୍ଟଙ୍କୁ ଜଣାଇଛନ୍ତି। ଅପ୍ରେଲ ୩୦ ସୁଦ୍ଧା ସରିବ ନାଟ ମଣ୍ଡପ ମରାମତି କାମ। ଏ ନେଇ ଆମିକସ କ୍ୟୁରୀ ହାଇକୋର୍ଟଙ୍କୁ ଜଣାଇଛନ୍ତି। ମରାମତି କାମ ସମ୍ପର୍କରେ ସତ୍ୟପାଠ ଦାଖଲ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ୧୮ ତାରିଖରେ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ସମ୍ପର୍କୀତ ମାମଲାରେ ହାଇକୋର୍ଟରେ ଷ୍ଟାଟସ ରିପୋର୍ଟ ଦାଖଲ କରିଥିଲେ ଆମିକସ କ୍ୟୁରୀ। ଶ୍ରୀମନ୍ଦିର ନାଟମଣ୍ଡପ ବିମ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ହାଇକୋର୍ଟରେ ରିପୋର୍ଟ ଦାଖଲ କରିଥିଲେ ଆମିକସ କ୍ୟୁରୀ। ଜଗମୋହନ ଓ ନାଟମଣ୍ଡପ ମଧ୍ୟରେ ଲାଗିଥିବା କାଠ ଓ ମୂର୍ତ୍ତି ଖୋଲାଯାଇ ଶ୍ରୀଜଗନ୍ନାଥଙ୍କ ସଂଗ୍ରହାଳୟରେ ରଖାଯାଇଛି। ନାଟମଣ୍ଡପ ବିମ୍‌ରେ ଲାଗିବାକୁ ଥିବା ଆସେସ ବକ୍ସର ଡିଜାଇନ ପ୍ରସ୍ତୁତ ସହ ଏଥିରେ ବ୍ୟବହାର ହେବାକୁ ଥିବା ସାମଗ୍ରୀ ପାଇଁ ଟେଣ୍ଡର ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି (ପୃଷ୍ଠା ୭ରେ)



## ଏଏସ୍‌ଇଆର ରିପୋର୍ଟ

# ୨ୟ ଶ୍ରେଣୀ ପାଠ ପଢ଼ିପାରୁନାହାନ୍ତି ଏକ ଚତୁର୍ଥାଂଶ ଯୁବବର୍ଗ

ନୂଆଦିଲ୍ଲୀ, ୧୮।୧

ଦେଶର ଶିକ୍ଷା ବ୍ୟବସ୍ଥାକୁ ନେଇ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଏହା ସମସ୍ତଙ୍କ ଚିନ୍ତା ବଢାଇ ଦେଇଛି। ସାକ୍ଷରତା ହାର ବଢ଼ି ଚାଲିଥିଲେ ମଧ୍ୟ ଶିକ୍ଷାର ମାନକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏବେ ୧୪ରୁ ୧୮ ବର୍ଷ ବୟସର ୮୬ ପ୍ରତିଶତ ପିଲା ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ପାଠ ପଢୁଛନ୍ତି। ମାତ୍ର ଏମାନଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ (୨୫ ପ୍ରତିଶତ) ଯୁବ ଗୋଷ୍ଠୀ ନିଜ ଆଞ୍ଚଳିକ ଭାଷାରେ ଥିବା ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ି ପାରୁନାହାନ୍ତି। ସେହିପରି ଅତିକମ୍‌ରେ ୪୨.୭ ପ୍ରତିଶତ ଯୁବ ଗୋଷ୍ଠୀ ଇଂରାଜୀ ବାକ୍ୟ ପଢ଼ି ପାରୁନାହାନ୍ତି। ବୁଧବାର ଜାରି ଆନୁଆଲ ଷ୍ଟାଟସ ଅଫ ଏଜୁକେଶନ ରିପୋର୍ଟ (ଏଏସ୍‌ଇଆର)ରେ ଏହି ଦାବି କରାଯାଇଛି।

ରିପୋର୍ଟ ଅନୁଯାୟୀ ୨୦୧୭ରେ ୭୬.୬ ପ୍ରତିଶତ ପିଲା ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ି ପାରୁଥିଲେ। ୨୦୨୩ରେ ଏହି ସଂଖ୍ୟା ହ୍ରାସ ପାଇ ୭୩.୬ ପ୍ରତିଶତରେ ପହଞ୍ଚି ଯାଇଛି। (ପୃଷ୍ଠା ୭ରେ)



# ହାଇକୋର୍ଟଙ୍କ ରାୟ : ଅବିବାହିତ ଝିଅଙ୍କୁ ପିତାମାତା ଭରଣପୋଷଣ ଦେବା ବାଧ୍ୟତାମୂଳକ

ପ୍ରୟାଗରାଜ, ୧୮।୧

ଅବିବାହିତ ଝିଅଙ୍କୁ ନେଇ ହାଇକୋର୍ଟ ଏକ ବଡ ନିଷ୍ପତ୍ତି ନେଇଛନ୍ତି। ପରିବାରରେ ବିବାହ କରିନଥିବା ଝିଅମାନେ ମାତା ପିତାଙ୍କଠାରୁ ଭରଣପୋଷଣ ପାଇବାକୁ ହକ୍‌ଦାର ହୋଇପାରିବେ। ଝିଅ ଯେ କୌଣସି ଧର୍ମ କିମ୍ବା ବୟସର ହେଉନା କାହିଁକି ମାତାପିତା ମାନେ ଭରଣପୋଷଣ ଦେବା ବାଧ୍ୟତାମୂଳକ ରହିଛି। ଏକ ମାମଲାରେ ବାପା ଏବଂ ସାବତ ମା' ତିନି ଭଉଣୀଙ୍କ ବିରୋଧରେ ଘରୋଇ ହିଂସା କରୁଥିଲେ। ହାଇକୋର୍ଟଙ୍କ ପୂର୍ବରୁ ଏହି ମାମଲା ନିମ୍ନ ଅଦାଲତରେ ପହଞ୍ଚିଥିଲା। ନିମ୍ନ ଅଦାଲତ ତିନି ଝିଅଙ୍କୁ ଭରଣପୋଷଣ ଦେବା ପାଇଁ ମାତାପିତାଙ୍କୁ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରିଥିଲେ। ମାତ୍ର ନିମ୍ନ ଅଦାଲତଙ୍କ ଏହି ଆଦେଶକୁ ପିତା ନାଇମୁଲ୍ଲା ଶେଖ ଆହ୍ଲାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଯାହା ବର୍ତ୍ତମାନ ହାଇକୋର୍ଟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଛି। ନିମ୍ନ ଅଦାଲତଙ୍କ ରାୟକୁ କାଏମ୍‌ର ମାତାପିତାଙ୍କୁ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ କିନ୍ତୁ ନାଇମୁଲ୍ଲାଙ୍କ ପକ୍ଷରୁ ଲଢୁଥିବା ଓକିଲ ଯୁକ୍ତି ବାଢିଛନ୍ତି। ଏହି ତିନି ଝିଅ ସାବାଳିକା ସେମାନେ ଚାକିରି କରୁଛନ୍ତି। ତେଣୁ ସେମାନଙ୍କୁ ମାତାପିତା କୌଣସି ପ୍ରକାର ଭରଣପୋଷଣ ଦେବା ଜରୁରୀ ନୁହେଁ।



## ସହରାଞ୍ଚଳ ରୂପାନ୍ତରଣ ସମ୍ପର୍କିତ ଅନ୍ତର୍ଜାତୀୟ ସମ୍ମିଳନୀ

# ବିକେନ୍ଦ୍ରୀକରଣ, ସାମଗ୍ରିକ ଓ ଗୋଷ୍ଠୀ ନେତୃତ୍ୱାଧୀନ ବିକାଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୮।୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ସହରାଞ୍ଚଳ ରୂପାନ୍ତରଣ ସଂପର୍କିତ ଅନ୍ତର୍ଜାତୀୟ ସମ୍ମିଳନୀ ଗୁରୁବାରଠାରୁ ହୋଟେଲ ଭିଭାନ୍ତା, ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଜାନୁଆରୀ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଂଶଗ୍ରହଣ କରି ଏହି ଅନ୍ତର୍ଜାତୀୟ ସମ୍ମିଳନୀର ଶୁଭାରମ୍ଭ ଘୋଷଣା କରିଥିଲେ। ଏହି ସମ୍ମିଳନୀରେ ୧୧ଟି ଦେଶ ଏବଂ ଭାରତର ୨୦ଟି ରାଜ୍ୟର ୪୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସହରାଞ୍ଚଳ ରୂପାନ୍ତରଣ ସମ୍ପର୍କିତ ଏହା ହେଉଛି ଓଡ଼ିଶାରେ ପ୍ରଥମ (ପୃଷ୍ଠା ୭ରେ)




## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ହାଫ ଡେ ଛୁଟି ଘୋଷଣା କଲେ କେନ୍ଦ୍ର ଓ ରାଜ୍ୟ ସରକାର

ନୂଆଦିଲ୍ଲୀ, ୧୮।୧

ଆସନ୍ତା ଜାନୁଆରୀ ୨୨କୁ ହାଫ ଡେ ଛୁଟି ଘୋଷଣା କରିଛନ୍ତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର। ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ହାଫ ଡେ ଛୁଟି ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ସେହିପରି ରାଜ୍ୟ ସରକାର ମଧ୍ୟ ଉକ୍ତ ଦିନ ହାପ୍ ଡେ ଛୁଟି ଘୋଷଣା କରିଛନ୍ତି। ସାରା ଦେଶରେ ଥିବା କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ଶିଳ୍ପାନୁଷ୍ଠାନ ପାଇଁ ଏହି ନିର୍ଦ୍ଦେଶ ଜାରି ହୋଇଛି। ସେହିଦିନ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ଏଗୁଡ଼ିକ ଛୁଟି ରହିବ। ପୂର୍ବରୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ତାଙ୍କ ରାଜ୍ୟରେ ସେହିଦିନ ସମସ୍ତ ସ୍କୁଲ ଓ କଲେଜ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ସେହିଦିନ ଅଯୋଧ୍ୟାର ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ମଧ୍ୟ ହାଫ୍ ଡେ ଛୁଟି ଘୋଷଣା କରିଛନ୍ତି।

## ଏକାଳ ସକାଳ



ଆଗକାଳେ ସିନା ମାଷ୍ଟ୍ର ଭଲ ଥିଲେ
ପିଲା ପଢୁଥିଲେ ପାଠ
ବାଟ ସବୁ ବନ୍ଦ ହୋଇଗଲା ପରେ
ଏବେ କୋଚିଂ ସେଣ୍ଟର ନାଟ
ଏବେ ସେଣ୍ଟର ମାରଇ ଛାଟ
କୋଚିଂ ଫୋଚିଂ କିଛି ଚାଲିବନି
ଟ୍ୟୁସନ ମାଷ୍ଟ୍ର କ୍ଷେତେ ମୁଣ୍ଡପିଟ।

## 'ଉଦ୍‌ଯୋଗେନଃ କାର୍ଯ୍ୟସିଦ୍ଧି ଭବତି'

# ଜ୍ୱଳନ୍ତ ଉଦାହରଣ ହେଲା 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'



ଭୁବନେଶ୍ୱର, ୧୮।୧
ନ୍ୟୁଜ୍ ବ୍ୟୁରୋ

'ଉଦ୍‌ଯୋଗେନ କାର୍ଯ୍ୟସିଦ୍ଧି ଭବତି'- ଏହି ସଂସ୍କୃତ ଶ୍ଳୋକଟିର ଅର୍ଥ ହେଲା-ଯେ କୌଣସି କାମରେ ନିରନ୍ତର ଉଦ୍ୟମ, ଗଭୀର ନିଷ୍ଠାର ସହ କଠିନ ପରିଶ୍ରମ ରହିଲେ ତାହା ନିଶ୍ଚିତ ସଫଳ ହୋଇଥାଏ। ଅନ୍ୟ ଅର୍ଥରେ କହିବାକୁ ଗଲେ ସାର୍ବଜନୀନ ହିତ ଉଦ୍ଦେଶ୍ୟରେ ଯଦି କୌଣସି ମହାନ ବ୍ୟକ୍ତି ବଡ ସ୍ୱପ୍ନ ଦେଖନ୍ତି ଓ ତାହାକୁ ବାସ୍ତବ ରୂପ ଦେବାଲାଗି ନିରନ୍ତର କାର୍ଯ୍ୟରେ ଲାଗିପଡନ୍ତି ତାହେଲେ ସେହି କାମଟି ଅଚିରେ-ନିଶ୍ଚିତ ଭାବେ ଭଲରେ ସଂପୂର୍ଣ୍ଣ ହୋଇଥାଏ। ଏହାର ଜ୍ୱଳନ୍ତ ଉଦାହରଣ ହେଲା-ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଟି କୋଟି ହୃଦୟର ବଡ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଏବଂ ଶ୍ରୀମନ୍ଦିରର ଐତିହ୍ୟ ପରମ୍ପରାର ସୁରକ୍ଷା ବିଷୟରେ ବିଶ୍ୱ ଦରବାରରେ ପ୍ରଚାର ପ୍ରସାର ସହିତ ଅଗଣିତ ଶ୍ରଦ୍ଧାଳୁ-ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ଉଦ୍ଦେଶ୍ୟରେ ଏହି ବୃହତ ପ୍ରକଳ୍ପର ପରିକଳ୍ପନା (ପୃଷ୍ଠା ୭ରେ)

## ଯୁଦ୍ଧର ଦ୍ୱାରଦେଶରେ ଇରାନ-ପାକିସ୍ତାନ !

# ଇରାନ ଉପରେ ଜବାବୀ ଆକ୍ରମଣ କଲା ପାକିସ୍ତାନ

ଇସ୍‌ଲାମାବାଦ, ୧୮।୧

ଇରାନ ପକ୍ଷରୁ ପାକିସ୍ତାନୀ ଅଞ୍ଚଳ ଉପରେ କରାଯାଇଥିବା ଆକ୍ରମଣର ୪୮ ଘଣ୍ଟା ପରେ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପାକିସ୍ତାନ ସେନା।

ଇରାନର ସିସ୍ତାନ-ବେଲୁଚିସ୍ତାନ ପ୍ରଦେଶରେ ଥିବା ଆତଙ୍କବାଦୀ ଆଶ୍ରୟସ୍ଥଳୀ ଉପରେ ଗୁରୁବାର ସକାଳେ ପାକିସ୍ତାନ ସାମରିକ ଆକ୍ରମଣ କରି ୯ ଜଣଙ୍କୁ ହତ୍ୟା କରିଛି। ଏହି ଘଟଣା ପରେ ପାକିସ୍ତାନ ଓ ଇରାନ ମଧ୍ୟରେ ଯୁଦ୍ଧ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପାକିସ୍ତାନ ଇରାନକୁ ସଂଯମତା ଅବଲମ୍ବନ କରିବାକୁ ଅନୁରୋଧ କରିଛି ଏବଂ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନାକୁ ଆହୁରି ବଢ଼ାଇବା ଭଳି ଆଉ କୌଣସି ପଦକ୍ଷେପ ନ ନେବାକୁ ଅନୁରୋଧ କରିଛି। ଏହା ସହିତ ଇରାନକୁ ଏକ ମିତ୍ର ଦେଶ ବୋଲି କହିଛି ପାକିସ୍ତାନ।

ବୁଧବାର ବେଲୁଚିସ୍ତାନରେ ଇରାନର କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ ପରେ ପାକିସ୍ତାନ କଠୋର (ପୃଷ୍ଠା ୭ରେ)



ସମ୍ପାଦକୀୟ
28 YEARS
ସମ୍ବାଦ କଳିକା

# ପେଟ୍ରୋଲ୍ ଶସ୍ତା ହେବ

ଅଶୋଧିତ ତୈଳ ଦାମ୍ କମ୍ ରହିଥିବାରୁ ଦେଶରେ ପେଟ୍ରୋଲ୍ ଓ ଡିଜେଲ୍ ବିକ୍ରି ଉପରେ ତେଲ କଂପାନିଗୁଡ଼ିକ ଲାଭ କରୁଛନ୍ତି। ବର୍ତ୍ତମାନ ସମୟରେ ଏହି ଦୁଇ ତେଲ ଦାମ୍ରେ ଲିଟର ପିଛା ୧୦ ଟଙ୍କା ହ୍ରାସ କରାଯାଇପାରିବ। ମାତ୍ର ସେଭଳି କିଛି ଘଟିବାର ସମ୍ଭାବନା କମ୍ ରହିଛି। କିଛି ଦିନ ତଳେ ତୈଳ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଥିଲେ ଯେ ତେଲ ଦାମ୍ କମ୍ କରିବା ବିଷୟରେ ସରକାର ବିଚାର କରୁନାହାନ୍ତି। ଶେଷ ଥର ପାଇଁ ୨୦୨୦ ଏପ୍ରିଲ୍ ପ୍ରଥମ ସପ୍ତାହରେ ତେଲ କଂପାନିଗୁଡ଼ିକ ପେଟ୍ରୋଲ୍ ଓ ଡିଜେଲ୍ ଦାମ୍ କମାଇଥିଲେ। ତା'ପରଠାରୁ ବହୁଦିନ ଧରି ତେଲ ମୂଲ୍ୟ ବଦଳିନାହିଁ। ଭୁବନେଶ୍ୱରରେ ପେଟ୍ରୋଲ୍ ଲିଟର ଦାମ୍ ୧୦୩ ଟଙ୍କା ୧୯ ପଇସା ରହିଛି। ଅଶୋଧିତ ତୈଳ ମୂଲ୍ୟରେ ୧୨ ପ୍ରତିଶତ ହ୍ରାସ ହୋଇଥିବାରୁ ତେଲ ଦାମ୍ କମାଇବା ଲାଗି ସୁଯୋଗ ସୃଷ୍ଟି ହୋଇଛି।

ତେଲ ବିକ୍ରିରୁ ଲାଭ ହେଉଛି ସେଥିପାଇଁ ୨୦୨୩-୨୪ରେ ଦେଶର ତିନି ସରକାରୀ ତେଲ କଂପାନି ଇଣ୍ଡିଆନ ଅଏଲ୍, ଭାରତ ପେଟ୍ରୋଲିୟମ୍ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମର ଲାଭ ୫ ଗୁଣା ବଢ଼ିବ ବୋଲି ଆକଳନ କରାଯାଇଛି। ୨୦୨୨-୨୩ରେ ଏହି ତିନି କଂପାନି ୩୩,୦୦୦ କୋଟି ଟଙ୍କାର ଲାଭ କରିଥିଲେ ଯାହା ପୂର୍ବବର୍ଷ ତୁଳନାରେ ଦୁଇ ଗୁଣା ଅଧିକ। ୨୦୨୩-୨୪ରେ ସେମାନଙ୍କ ମିଳିତ ଲାଭ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବା ଆକଳନ କରାଯାଇଛି। ବର୍ଷର ପ୍ରଥମ ଛଅ ମାସରେ କଂପାନିଗୁଡ଼ିକର ମୋଟ ଲାଭ ୫୭,୦୯୧ କୋଟି ଟଙ୍କା ହୋଇସାରିଲାଣି। ହିସାବରୁ ଜଣାପଡ଼ିଛି ଯେ ଟିକସ ପୂର୍ବରୁ ଏକ ଲିଟର ପେଟ୍ରୋଲ୍ର ଦାମ୍ ୫୭ ଟଙ୍କା ରହିଛି। କେନ୍ଦ୍ର ସରକାର ୧୯ ଟଙ୍କା ୯୦ ପଇସା, ୩ ଟଙ୍କା ୩୪ ପଇସାର ଡିଲର କମିସନ ଏବଂ ରାଜ୍ୟ ସରକାରଙ୍କ ଭାଟ୍ ମିଶାଇବା ପରେ ପେଟ୍ରୋଲ୍ର ବିକ୍ରି ମୂଲ୍ୟ ୧୦୦ ଟଙ୍କାରୁ ଅଧିକ ହୋଇଯାଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁର୍ଗା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମସ୍ତୁତେ ।'**

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୨୦



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ମଣିଷଟିର ବେଶ, ପୋଷାକ ହୁଏତ ଅତିସାଧାରଣ ହୋଇପାରେ, ଅତି ମଳିନ ହୋଇପାରେ, ପଙ୍ଗୁ ଅଥବା ଅସୁନ୍ଦର ହୋଇପାରେ, କର୍କଶ କଣ୍ଠରେ ବି କଥା ବାର୍ତ୍ତା କରିପାରେ, କିନ୍ତୁ ତା'ର ଅନ୍ତର୍ନିହିତ ଶକ୍ତିମଧ୍ୟରେ ଏପରି କିଛି ବଳିଷ୍ଠ ଚିନ୍ତନ ରହିଥାଏ ଯେଉଁ ମହାଶକ୍ତିକୁ ବ୍ୟବହାର କରି ସେ ନୂତନ ସୃଷ୍ଟି ଟିଏ ନିର୍ମାଣ କରି ପାରେ ଅଥବା ଧ୍ୱଂସ କରିପାରେ। ତେଣୁ ଏ ଧୂଳି ଧୂସରିତ ଧରିତ୍ରୀ ପୃଷ୍ଠରେ ବଞ୍ଚୁଥିବା ମଣିଷ ଭିତରେ ସେହିଭଳି ଅକଳ୍ପନୀୟ ଶକ୍ତି ରହିଛି। ଯାହାକୁ ବ୍ୟବହାର କରି ଏ ପୃଥିବୀରେ ଯେ କୌଣସି ବଡ କାମ କରି ଦେଇପାରେ। କିଛି ବି ଅଘଟଣ କରି ମହାବିନାଶ ସୃଷ୍ଟି କରିଦେଇପାରେ। ତେଣୁ ଖାଲି ମଣିଷ ନୁହେଁ ଏ ପୃଥିବୀର ପ୍ରତିଟି ବସ୍ତୁ ଅଥବା ଅଣୁ ଠାରୁ ପରମାଣୁ ପର୍ଯ୍ୟନ୍ତ ପ୍ରତ୍ୟେକ ଧୂଳିକଣା ମଧ୍ୟରେ ଏକ ଅଦୃଶ୍ୟ ମହାଶକ୍ତି ରହିଛି, ତାହା ଯେକୌଣସି ମୁହୂର୍ତ୍ତରେ ପାରିପାର୍ଶ୍ୱିକ ପରିବେଶ ପାଇଗଲେ, ତାହା ଅତ୍ୟନ୍ତ ଭୟାନକ ରୂପଧାରଣ କରିପାରେ, କିମ୍ବା ଅଦ୍‌ଭୂତ ଶକ୍ତିଦ୍ୱାରା ବିଶ୍ୱ ବ୍ରହ୍ମାଣ୍ଡର କଲ୍ୟାଣ କରିଦେଇପାରେ। ତେଣୁ ପ୍ରତ୍ୟେକ ଦୃଶ୍ୟ, ଅଦୃଶ୍ୟ କଣିକାକୁ ମଧ ସାମାନ୍ୟ ବୋଲି ବିଚାର କରିବା ନିର୍ବୋଧତାର ପରିଚୟ। ମୋ ଚକ୍ଷୁ ସମ୍ମୁଖରେ ଏବେ ଧୀରେ ଧୀରେ ଅଯୋଧ୍ୟା ରାଜବଂଶ ଉପରକୁ ଏକ ବିରଳତମ ଓ ଅତି ଭୟାନକ ବିପତ୍ତିଜନିତ ଘନଘନ ଅଶ୍ରୁପାତର ବାତାବରଣ ଗୁଡାକ ମାଡି ଆସୁଥିବାର ଦୃଷ୍ଟିଗୋଚର ହେବାକୁ ଲାଗିଲାଣି, ଯାହାକୁ ପ୍ରକାଶ କରିବା ଲାଗି ପୃଥିବୀର ସମସ୍ତ ଭାଷାଗୁଡିକ ଯେପରି ମୋ ନିକଟରେ ଅସ୍ତିତ୍ୱ ହରାଇ ବସୁଛନ୍ତି।

ଦୁର୍ବାସା ଅଯୋଧ୍ୟା ରାଜଭବନରୁ ଚାଲିଯିବା ପରେ ଶ୍ରୀରାମଙ୍କ ଚକ୍ଷୁରୁ ଯେଉଁ ଅବାରିତ ଅଶ୍ରୁଧାରା ବହି ଯାଉଛି ତାକୁ କିଏବା ଅଛି ଏ ପୃଥିବୀରେ ଭାଷାରେ ବର୍ଣ୍ଣନା କରିବ ? ନିଜେ ସ୍ୱୟଂ ବିଧାତା ମଧ୍ୟ ଶ୍ରୀରାମଙ୍କର ଏ ବିକଳତାକୁ ଦେଖି ଧୈର୍ଯ୍ୟ ଧରି ପାରିବେନି। ଶୁଷ୍କ ଚଟାଣ ଉପରେ କାନ୍ଦି କାନ୍ଦି ପଡିଯାଉଛନ୍ତି। ମସ୍ତକରୁ ରତ୍ନ ବିମଣ୍ଡିତ ମୁକୁଟକୁ କେଉଁଠି ଫିଙ୍ଗି ଦେଲେଣି। ସୁବର୍ଣ୍ଣଖଚିତ କୋଦଣ୍ଡକୁ ବି ଫିଙ୍ଗି ଦେଇ ସାରିଲେଣି। ସୁମିତ୍ରା କାନ୍ଦି କାନ୍ଦି ଅଚେତ ହୋଇ ପଡିଯାଇଛନ୍ତି।

କୌଶଲ୍ୟା ଭୂମି ଉପରେ ମଥାପିଟି କାନ୍ଦୁଛନ୍ତି। କୈକେୟୀ ହେଲେଣି ପାଗଳିନୀ। ସୁମନ୍ତ ଗୋଟାଏ କାଷ୍ଠ ପିତୁଳା ଭଳି ନିର୍ବାକ ହୋଇ ଚାହିଁ ରହିଥାନ୍ତି ଶ୍ରୀରାମଙ୍କର ଏହି ହୃଦୟ ବିଦାରକ ବିକଳତାକୁ, ଯାହାକୁ ସେ ନିଜ ଆଖିରେ ଦେଖି ମଧ ବିଶ୍ୱାସ କରିପାରୁ ନାହାଁନ୍ତି, ସତରେ କ'ଣ ସୂର୍ଯ୍ୟବଂଶ ଉପରକୁ ଏହି ଭଳି ମହା ବିପତ୍ତି ମାଡି ଆସିବ। ଏ କଥା ସୁମନ୍ତ କେବେବି ଚିନ୍ତା କରି ନଥିଲେ। ପୁଣି ଭାବନା ରାଜ୍ୟରେ ପ୍ରବେଶ କରୁଥାଏ, ସତରେ କ'ଣ ଇଏ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ, ସତରେ କ'ଣ ଇଏ ହେଉଛନ୍ତି ବିଷ୍ଣୁଙ୍କର ଅବତାର ? ସତରେ କ'ଣ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ସୃଷ୍ଟି, ପାଳନ ଓ ଧ୍ୱଂସ କରିବାର ଅକଳ୍ପନୀୟ ମହାଶକ୍ତି ଏହାଙ୍କ ଭିତରେ ରହିଛି। ସତରେ କ'ଣ ଏହାଙ୍କ ବିନା ଗଛରୁ ପତ୍ରଟିଏ ଝଡି ପାରେନା ବୋଲି ଯେଉଁ ଆପ୍ତ ବାକ୍ୟ ରହିଛି, ତାହା କ'ଣ ଏହାଙ୍କ ଭିତରେ ରହିଛି ? ସତରେ କ'ଣ ଇଏ ଅଗ୍ନିବୀର୍ଯ୍ୟ ଅମିତ ତେଜ ମହର୍ଷୀ ବିଶ୍ୱାମିତ୍ରଙ୍କର ସର୍ବଶ୍ରେଷ୍ଠ ଶିଷ୍ୟ ଭାବରେ ସର୍ବଜନ ବିଦିତ ? ସତରେ କ'ଣ ଏହାଙ୍କ ପଦ ସ୍ପର୍ଶରେ ଗୋଟାଏ କଳା କର୍କଶ ପଥର ଅନିନ୍ଦ୍ୟ ସୁନ୍ଦରୀ ନାରୀ ଭାବରେ ପରିଣତ ହୋଇଥିଲା, ଯିଏକି ମହର୍ଷୀ ଗୌତମଙ୍କ ପତ୍ନୀ ଭାବରେ ବିଶ୍ୱ ବିଖ୍ୟାତ ଥିଲେ ? ତେବେ ଇଏ କ'ଣ ସେହି ଶ୍ରୀରାମ ଯାହାଙ୍କ ହସ୍ତରେ ପର୍ଶୁରାମଙ୍କ ଭଳି କ୍ଷତ୍ରୀୟ ବଂଶ ନିଧନକାରୀ, ବିଶ୍ୱର ସର୍ବଶ୍ରେଷ୍ଠ ପରାକ୍ରମଶାଳୀ ଯୋଦ୍ଧା ପର୍ଶୁରାମଙ୍କର ଗର୍ବକୁ ନିଃଶେଷ କରି ଦେଇ ତାଙ୍କୁ ପୁନର୍ବାର ମହେନ୍ଦ୍ର ପର୍ବତକୁ ତପସ୍ୟା କରିବା ପାଇଁ ପ୍ରେରିତ କରିଥିଲେ ? ଇଏ କ'ଣ ସେହି ଶ୍ରୀରାମ ଯାହାଙ୍କ ହସ୍ତରେ ତ୍ରୀପୁରବିଜୟୀ ବଂଶ ବାହୁଙ୍କୁ ଯୁଦ୍ଧରେ ନିହତ କରି ବିଭୀଷଣଙ୍କୁ ଲଙ୍କାର ନରେଶ ଭାବେ ଅବସ୍ଥାପିତ କରିଥିଲେ ? ଏହି ପରି ଅସୁମାରୀ ପ୍ରଶ୍ନବାଚୀ ମୁହୂର୍ତ୍ତକୁ ମୁହୂର୍ତ୍ତ ସୁମନ୍ତଙ୍କ ମସ୍ତିଷ୍କ ଭିତରେ ପ୍ରବେଶ କରି ତାଙ୍କୁ କଳା କାଠରେ ପରିଣତକରି ଦେଲାଣି ରାଜଭବନ ମଧ୍ୟସ୍ଥ ସ୍ମାରକି ଭବନ ନିକଟରେ। ଏ କଥାବି ସେ ଭାବିନେଲେଣି ଅନୁଜ ଲକ୍ଷ୍ମଣଙ୍କୁ କେବେ ବି ବର୍ଜନ କରି ପାରିବେନି ଶ୍ରୀରାମ। ଶ୍ରୀରାମଙ୍କ ହୃଦୟ ଭିତରେ ସର୍ବଦା ବାନ୍ଧିହୋଇ ରହିଯାଇଛନ୍ତି ଲକ୍ଷ୍ମଣ, ଆଉ ଲକ୍ଷ୍ମଣଙ୍କର କଳ୍ପନାତୀତ ଅବଦାନ ପିଲାଟି ଦିନରୁ ଯେବେଠାରୁ ଏ ପବିତ୍ର ରଘୁବଂଶରେ ଶ୍ରମଦାନ କରିବା ପାଇଁ ଅଯୋଧ୍ୟା ନରେଶ ଦଶରଥ ନିର୍ଦ୍ଦେଶ ଦେଲେଣି, ସେହି ଦିନଠାରୁ ସୁମନ୍ତ ଦେଖି ଆସୁଛନ୍ତି ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କୁ। ସାରା ସଂସାରରେ ଏପରି ଭାଇମାନଙ୍କ ଭଳି ଅନ୍ୟ କୌଣସି ସ୍ଥାନରେ ଦେଖି ନାହାନ୍ତି। ତା'ପରେ ପୁଣି ଲକ୍ଷ୍ମଣଙ୍କର ଆତ୍ମା ସହିତ ଶ୍ରୀରାମଙ୍କର ଆତ୍ମା ନିବିଡ ଭାବରେ ଅନୁବନ୍ଧିତ ଏବଂ ଗୋଟିଏ ଆତ୍ମା ଦୁଇଟି ଶରୀର। ଏକଥା ଏ ସଂସାରର ପ୍ରତିଟି ଧୂଳିକଣା କହିବ। ବଡ ବିଷମ ପରିସ୍ଥିତି ସୃଷ୍ଟି ହୋଇଗଲା ରଘୁ ବଂଶର ଇତିହାସରେ। କ'ଣ କରାଯିବ ? ଏହି ପରି ଭାବନାର ଅଡୁଆ ସୂତାରେ ଭାବ ବିହ୍ୱଳ ହୋଇ ସୁମନ୍ତ ଅଶ୍ରୁପାତ କରୁ କରୁ ଜାବାଳି ଆସି ଲକ୍ଷ୍ମଣଙ୍କ ନିକଟରେ ରାଜ ଉଦ୍ୟାନ ମଧ୍ୟସ୍ଥ ଗୋଟିଏ ପ୍ରସ୍ତର ଚଟାଣ ଉପରେ ବସିବାର ସୁମନ୍ତଙ୍କ ଦୃଷ୍ଟିରେ ପଡିଲା। ଜାବାଳି ତାଙ୍କ କାନ୍ଧ ଉପରେ ଲକ୍ଷ୍ମଣଙ୍କ ମସ୍ତକକୁ ରଖି ଶୁଷ୍କ କାଷ୍ଠ ଭଳି ପ୍ରତୀୟମାନ ହେଉଛନ୍ତି। ଗୋଟିଏ କୋମଳ ଅବୋଧ ଶିଶୁକୁ ଜନ୍ମଦାତା ପିତା ଯେପରି କୋଳରେ ବସାଇ ପ୍ରବୋଧନା ଦେଇଥାନ୍ତି, ଠିକ୍ ସେହିପରି ଲକ୍ଷ୍ମଣଙ୍କ ମସ୍ତକ ଉପରେ ହାତ ବୁଲାଇ ସ୍ନେହରେ କହିଲେ '' ସୌମିତ୍ରୀ ! ଏ ଦୁନିଆରେ ଶ୍ରୀରାମଙ୍କ ସତ୍ୟ ବାକ୍ୟ ଉପରେ ମୋର ବିଦ୍ରୋହ ମାନସିକତା ସୃଷ୍ଟି ହେଲାଣି, କାହିଁକି ନା ଜଣେ ନିଷ୍ପାପ, ସରଳ, ନିରପରାଧ ମଣିଷ ଉପରେ ଏପରି ସତ୍ୟକୁ ଲଦି ଦେଇ ବିନାଶ କରିବାର କୌଣସି ବିଜ୍ଞ ବ୍ୟକ୍ତିର ବିଚାର ଧାରାକୁ ଗୋଟିଏ ନିର୍ବୋଧତାର ପରିଚୟ ଦେଇଥାଏ, ତେବେ ଶ୍ରୀରାମଙ୍କ ଭଳି ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପକ୍ଷରେ ଏଭଳି ଶୋଭା ପାଏନା। ସେ କେବେ ବି ଏପରି ନିର୍ମମ ସତ୍ୟକୁ ତୁମ ଉପରେ ପ୍ରୟୋଗ କରିବେ ନାହିଁ। (କ୍ରମଶଃ)

# ଆଉ କେତେ ବୋର୍‌ୱେଲ୍ ଦୁର୍ଘଟଣା ପରେ ଆମ ଚେତନା ଜାଗ୍ରତ ହେବ ?



ବିଷ୍ଣୁ ପ୍ରସାଦ ଦାସ
ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
ମୋ: ୯୯୩୭୧୭୪୦୯୭

ବୋରୱେଲ୍ସ ବା ନଳକୂପ ଗୁଡିକ ଭୂମିଗତ ଜଳ ଉତ୍ତୋଳନ କରିବା କାର୍ଯ୍ୟ କରିଥାଏ , ଏହାର ବ୍ୟବହାର ଘରୋଇ ନିତ୍ୟ ବ୍ୟବହାର୍ଯ୍ୟ ଜଳ ଯୋଗାଣ ପାଇଁ, କୃଷି କ୍ଷେତ୍ରରେ କୃଷି କାର୍ଯ୍ୟ ପାଇଁ ତଥା କଳ କାରଖାନାରେ ଉତ୍ପାଦନ ପାଇଁ ବ୍ୟବହୃତ ହୋଇ ଆସୁଛି, ଜଳ ଉତ୍ତୋଳନର ଚାହିଦା, କ୍ଷମତା ତଥା ଉପଯୋଗକୁ ଚାହିଁ ଏହାର ଗଭୀରତା , ବ୍ୟାସ ନିର୍ଦ୍ଧାରଣ କରାଯାଏ । ୧୯୭୦ ମସିହାରୁ ବୋରୱେଲ୍ର ପ୍ରଚଳନ ଆରମ୍ଭ ହୋଇଥିଲା, ବୈଷୟିକ ଜ୍ଞାନ ଥିବା ହାଇଡ୍ରୋଲୋଜିଷ୍ଟ୍/ ଯନ୍ତ୍ରୀ ମାନେ ପ୍ରକୃଷ୍ଟ ସ୍ଥାନ ନିର୍ଦ୍ଧାରଣ କରିବା ପରେ ଖନନ କାର୍ଯ୍ୟ କରାଯାଇଥାଏ । ଆମ ଦେଶରେ ସାଧାରଣତଃ ଅଳ୍ପ ଗଭୀର, ଗଭୀର, ଅତି ଗଭୀର ଶ୍ରେଣୀର ନଳ କୂପ ମାନ ଦେଖିବାକୁ ମିଳିଥାଏ, ତେବେ ଜଳର ଚାହିଦା, ଭୂମିଗତ ଜଳର ଉପଲବ୍ଧତା, ଜଳର ଶୁଦ୍ଧତା ଉପରେ ଭୂମିଗତ ନଳକୂପ ଖନନ ନିର୍ଭର କରିଥାଏ ବୋରୱେଲ ଠିକାଦାର ମାନେ ଡ୍ରିଲ / ଖନନ ଯନ୍ତ୍ର ସାହାଯ୍ୟରେ ନିର୍ଦ୍ଧାରିତ ଗଭୀରତା ତଥା ପରିସୀମାର ଖନନ କାର୍ଯ୍ୟ ଶେଷ କରି ଜଳର ସ୍ତର, ଗଭୀରତା ତଦାରଖ କରିବା ସହିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଯାହାକି ଗର୍ତ୍ତ ମଧ୍ୟରେ ପାଇପ/ନଳ/ଫିଲ୍ଟର ପ୍ରବେଶ ସହିତ ନଳର ଚାରିପଟେ ଛୋଟ ନାଳିଗୋଡି /ନଦୀରୁ ମିଳୁଥିବା ଛୋଟ ଗୋଡି/ ବାଲି ଗରଡ଼ା ଦେଇ ଯାନ୍ତ୍ରିକ ନିୟମ ଅନୁସାରେ ସ୍ଥାପନ କରିଦେଇ ଥା'ନ୍ତି, ତାହାପରେ ଉକ୍ତ ନଳ କୂପକୁ ୬ରୁ ୮ ଘଣ୍ଟା ପାଣି କାଢି ସଫା କରାଯାଏ, ତାହା ପରେ ଉକ୍ତ ନଳକୂପଟି ବ୍ୟବହାର ଉପଯୋଗୀ ବୋଲି ବିବେଚିତ ହୋଇଥାଏ । ବୋରୱେଲ ବିଷୟରେ ଏହା ଏକ ସଂକ୍ଷିପ୍ତ ଉଦାହରଣ ମାତ୍ର।

ବୋର ୱେଲ ଦୁର୍ଘଟଣାର କେତୋଟି ଦିଗ - ଆକଳନ ଅନୁଯାୟୀ ଭାରତ ବର୍ଷରେ ପ୍ରାୟ ୨୭୦ ଲକ୍ଷ ବୋର ୱେଲ ରହିଅଛି ସେଥିମଧ୍ୟରୁ ଅନେକ ନଳ କୂପ ଶୁଷ୍କ ଅବସ୍ଥାରେ ଥିବାରୁ ତାହା ପରିତ୍ୟକ୍ତ ଅବସ୍ଥାରେ ପଡିଥାଏ , କାଳ କ୍ରମେ କେହି ସେଥିରେ ପୋତା ହୋଇଥିବା ଲୁହା/ପ୍ଲାଷ୍ଟିକ ପାଇପ ବା ଅନ୍ୟ ସରଞ୍ଜାମ ଚୋରି କରି ବା ଅନ୍ୟତ୍ର ଉଠାଇ ନେଇ ଗଲା ପରେ କୂପଟିକୁ ପୋତିବାକୁ ଭୁଲି ଯାଇ ଥା'ନ୍ତି ବା ଜାଣିଶୁଣି ଛାଡ଼ିଦେଇ ଥା'ନ୍ତି ଯାହାକି କିଛି ଦୁର୍ଘଟଣାକୁ ସ୍ୱାଗତ କରିଥାଏ । ଦ୍ୱିତୀୟ କାରଣ ଟି ଏହିପରି ହୋଇପାରେ , ଠିକାଦାର କୂପ ଖନନ କରିସାରି ପାଇପ କୂପ ମଧ୍ୟରେ ସ୍ଥାପନ ନ'କରି କୂପଟିକୁ ଉନ୍ମୁକ୍ତ ରଖିଦେଇ ଅନ୍ୟତ୍ର ଖନନ କାର୍ଯ୍ୟରେ ନିୟୋଜିତ ହୋଇଥାଏ, ଫଳରେ ଉନ୍ମୁକ୍ତ ଥିବା କୂପଟି ସର୍ବଦା ବିପଦକୁ ଆମନ୍ତ୍ରଣ କରିଥାଏ, ମନୁଷ୍ୟ ଶିଶୁ, ପଶୁ ତଥା ସରୀସୃପ ସହଜରେ ଉକ୍ତ ଗର୍ତ୍ତ ମଧ୍ୟରେ ପଡିଯାଇ ଜୀବନ ଦେବାର ନଜିର ରହିଛି । ଠିକାଦାର ବା ଦାୟିତ୍ୱରେ ଥିବା କର୍ମଚାରୀଟିର ଅବହେଳା ଦ୍ୱାରା ପ୍ରଭୁତ କ୍ଷତି ଘଟିଥାଏ , ଦୁର୍ମୁଲ୍ୟ ଜୀବନ ଯିବା ସହିତ ଉଦ୍ଧାର କାର୍ଯ୍ୟ ପାଇଁ ଲକ୍ଷ ଲକ୍ଷ ଟଙ୍କା, ଶ୍ରମଦିବସ ନଷ୍ଟ ହେବା ସହିତ ଦେଶର ଅନ୍ୟ କାର୍ଯ୍ୟ ମଧ ଶିଥିଳ ହୋଇଯାଇଥାଏ । ଜନ ସଚେତନତାର ଅଭାବ ତଥା କାର୍ଯ୍ୟରେ ଅବହେଳା କରୁଥିବା ବ୍ୟକ୍ତି ବିଶେଷ ବୋରୱେଲରେ ଘଟି ଯାଉଥିବା ଦୁର୍ଘଟଣା ପାଇଁ ସମ୍ପୂର୍ଣ୍ଣ ରୂପେ ଦାୟୀ।

ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନ: ଡି: ଆର : ଏଫ) ଅନୁଯାୟୀ, ୨୦୦୯ ପରଠାରୁ ୪୦ ରୁ ଅଧିକ ଶିଶୁ ବୋରୱେଲରେ ପଡ଼ିବା ପରେ ମୃତ୍ୟୁ ବରଣ କରିଛନ୍ତି ଏବଂ ୭୦ % ରୁ ଅଧିକ ଉଦ୍ଧାର କାର୍ଯ୍ୟ ବିଫଳ ହୋଇଛି । ଏହା ଆମ ପାଇଁ ଏକ ଦୁଃଖଦ ଖବର, ବୋରୱେଲ ରେ ପଡୁଥିବା ପିଲାମାନଙ୍କର ବିଷୟରେ ଯେତେବେଳେ ଖବର କାଗଜ, ଟେଲିଭିଜନରେ ବହୁଳ ଭାବେ ପ୍ରସାରିତ ହେଉଥିଲା ସେତେବେଳେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରିଥିଲେ , ୨୦୧୦ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ସମସ୍ତ ରାଜ୍ୟ ସରକାରଙ୍କୁ ନିରାପତ୍ତା ମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ତଥା ସୁରକ୍ଷା ବ୍ୟବସ୍ଥା / ନିୟମକୁ କଡା କଡ଼ି ଭାବେ ପାଳନ କରାଯିବାକୁ ସ୍ଥିର କରିଥିଲେ । ନିର୍ଦ୍ଦେଶାବଳୀ ଅନୁସାରେ ଯେଉଁ ଜମିରେ ବୋରୱେଲ ଖନନ ହେବ ସରକାରୀ ଅଧିକାରୀ ମାନେ ସେହି ଜମି ମାଲିକଙ୍କୁ ଅତି କମରେ ୧୫ ଦିନ ପୂର୍ବରୁ ସୂଚନା ଦିଆଯିବା ଆବଶ୍ୟକ ବୋଲି ଅନ୍ତର୍ଭୁକ୍ତ କରାଯାଇଛି । ଡ୍ରିଲିଂ ଏଜେନ୍ସିଗୁଡିକ ବାଧ୍ୟତାମୂଳକ ଭାବେ ଜିଲ୍ଲା ପ୍ରଶାସନରେ ପଞ୍ଜୀକୃତ ହେବା ଉଚିତ୍, ନଚେତ ମନଇଚ୍ଛା ଅନେକ ଖନନକାରି ଏଜେନ୍ସି ଖନନ କାର୍ଯ୍ୟ ଅସମ୍ପୂର୍ଣ୍ଣ କରି ଚାଲି ଯାଉଛନ୍ତି । ଖନନ କାର୍ଯ୍ୟ ହେଉଥିବା ସ୍ଥାନରେ କଣ୍ଟା ତାର ବାଡ଼ କିମ୍ବା ଅନ୍ୟ କୌଣସି ପ୍ରତିବନ୍ଧକ ସ୍ଥାପନ କରିବା ଆବଶ୍ୟକ । ଉଲ୍ଲେଖନୀୟ ବିଷୟ ହେଉଛି, ସୁରକ୍ଷା ବ୍ୟବସ୍ଥାରେ ପରିତ୍ୟକ୍ତ ବୋରୱେଲ ଗୁଡିକ ମାଟି, ବାଲି ଇତ୍ୟାଦି ସହିତ ଭୂମି ସ୍ତର ପର୍ଯ୍ୟନ୍ତ ସମତଳ କରିବା ଅନ୍ତର୍ଭୁକ୍ତ ।ଏହାଦ୍ୱାରା ବୋରୱେଲ ଦୁର୍ଘଟଣାକୁ ରୋକିବା ସମ୍ଭବ ହେବ ବୋଲି ଏନ:ଡ଼ି: ଆର : ଏଫ : କର୍ମକର୍ତ୍ତା ପରାମର୍ଶ ଦେଇଛନ୍ତି । ଏହାତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଥିଲା କିନ୍ତୁ ନିର୍ଦ୍ଦେଶ, ନିର୍ଦ୍ଦେଶ ସ୍ଥାନରେ ପଡି ରହିଲା ଏବଂ 'ଯଥା ପୂର୍ବଂ ତଥା ପରଂ' ନୀତିରେ କାର୍ଯ୍ୟ ଚାଲିଲା, ୨୦୧୦ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ନିୟମ ଯଦି ପାଳନ ହୋଇ ଥା'ନ୍ତା ତେବେ ନଳକୂପ ଜନିତ ଦୁର୍ଘଟଣା ଘଟି ନ'ଥାନ୍ତା, ସେହି ସବୁ ଜାଗାରେ ଖାମଖିଆଲି ମନୋଭାବ, ଭାଇଚାରା , ଗୁଣ୍ଡା ଗର୍ଦ୍ଦିରେ ଠିକା କାମ ହେଉଛି ଏବଂ ଯନ୍ତ୍ରୀ ମାନେ ନିଜ ପକେଟ୍ ଗରମ କରି ଏଆରକଣ୍ଡିସନ୍ ଅଫିସରେ ବସି ନିଜର ପି:ସି:ର ହିସାବ ନିକାସ କରୁଛନ୍ତି ତେଣେ ଦୁର୍ଘଟଣା ଜନିତ ନିରୀହ ଜୀବନ ଯାଉଛି ।

'ଦାୟିତ୍ୱ ହୀନତା' ଏକ ଅକ୍ଷମଣୀୟ ଅପରାଧ ଭାବେ ସମ୍ବିଧାନରେ ସଂଶୋଧନ ହେବା ଉଚିତ ତାହା ନ'ହେବା ପର୍ଯ୍ୟନ୍ତ ଖାଲି ବୋର୍‌ୱେଲ ନୁହେଁ ସବୁ କ୍ଷେତ୍ରରେ ଏହି ପ୍ରକାର ଦାୟିତ୍ୱ ହୀନତା ଦ୍ୱାରା ଦେଶର ପ୍ରଭୂତ କ୍ଷତି ଘଟୁଥିବ ଏବଂ ନିରୀହ କର ଦାତା ଏହି ମନୁଷ୍ୟ କୃତ କ୍ଷତିକୁ ଭରଣା କରୁଥିବେ । ଦିନ ରାତି ଅଖିଆ ଅପିଆ ଶତାଧିକ କର୍ମଚାରୀ, ଅର୍ଦ୍ଧ ସାମରିକ ଅଧିକାରୀ, ପୋଲିସ, ଏନ:ଡ଼ି:ଆର:ଏଫ: ଯବାନ ସେନା ଅଧିକାରୀ / କର୍ମଚାରୀ, ସାଧାରଣ ଜନତା, ଅଗ୍ନି ଶମ ବିଭାଗ, ସାଧାରଣ ପ୍ରଶାସନ, ଡାକ୍ତର, ଆମ୍ବୁଲାନ୍ସ ମିଡ଼ିଆ ଭାଇ, ଅନେକ ମୂଲ୍ୟବାନ ଯନ୍ତ୍ରପାତି ନିୟୋଜିତ କରି ପ୍ରାଣମୂର୍ଚ୍ଛା ଉଦ୍ୟମର ଉଦ୍ଦେଶ୍ୟ ଗୋଟିଏ, ସମସ୍ତେ ନିଜ ନିଜ ଭଗବାନଙ୍କୁ ଅନ୍ତରରୁ ପ୍ରାର୍ଥନା ସହିତ ଚେଷ୍ଟିତ ଥା'ନ୍ତି କେମିତି ଗର୍ତ୍ତ ଭିତରେ ପଡିଥିବା ଶିଶୁଟିର ଜୀବନ ବଂଚାଯାଇ ପାରିବ ? ଅକ୍ଲାନ୍ତ ପରିଶ୍ରମ ପରେ ଶିଶୁଟିର ଜୀବନ ରକ୍ଷା ହୋଇଗଲେ ଆନନ୍ଦର ସୀମା ନ'ଥାଏ ଆଉ ଯଦି ଶିଶୁଟି ଗର୍ତ୍ତ ମଧ୍ୟରେ ବଞ୍ଚିବାର ସଂଗ୍ରାମ କରି କରି ଆର ପାରିକୁ ଚାଲି ଯାଇ ଥାଏ ତ' ସମସ୍ତ ଉଦ୍ଧାରକାରୀ ଦଳ ପରସ୍ପରକୁ ଅଶ୍ରୁଳ ଚକ୍ଷୁରେ ଦେଖୁ ଥାନ୍ତି ।

ନିକଟ ଅତୀତରେ ଓଡିଶା ତଥା ଅନ୍ୟ ପ୍ରଦେଶରେ ନଳ କୂପ ଜନିତ ଦୁର୍ଘଟଣା ଘଟି ଯାଇଛି ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଅମୂଲ୍ୟ ଜୀବନ ମଧ ରକ୍ଷା ହୋଇ ପାରିଛି । ତେବେ ଜନସାଧାରଣ ଚିନ୍ତା କରନ୍ତୁ ତ' ସେମାନେ କ'ଣ ସଚେତନ? ଦୁର୍ଘଟଣାକୁ ଏଡାଇ ଯିବା ପାଇଁ ସଚେତନ ହେବା ନିହାତି ଜରୁରୀ, ନିଜର ଦାୟିତ୍ୱ ହୀନତାର ଫଳ ସ୍ୱରୂପ ଛୋଟ ପିଲାମାନେ ଅକାଳରେ ମୃତ୍ୟୁ ବରଣ କରୁଛନ୍ତି । ନଳ କୂପ ଖନନ ଜନିତ ଖୋଲା ଗର୍ତ୍ତ ଯଦି ଦୃଷ୍ଟି ଗୋଚର ହେଉଛି ତେବେ ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହିତ ନିଜ ଚେଷ୍ଟାରେ ତାହାକୁ ଆବଦ୍ଧ କରିବା ସଚେତନ ନାଗରିକର ଦାୟିତ୍ୱ । ସରକାରୀ କର୍ମଚାରୀ ମାନଙ୍କ ନିଷ୍ଠାର ଅଭାବ ତଥା ଠିକାଦାର ମାନଙ୍କର ମନମୁଖୀ କାର୍ଯ୍ୟ କଳାପ ଦ୍ୱାରା ଅଯଥାରେ ଦୁର୍ଘଟଣା ଘଟି ନିରୀହ ଜୀବନ ଯିବା ସହିତ ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା, ଶ୍ରମ ଦିବସ ନଷ୍ଟ ହେଉଛି । ଦାୟିତ୍ୱ ହୀନ ବ୍ୟକ୍ତିଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ ହେଲେ ଭବିଷ୍ୟତରେ ଏପରି ଅଘଟଣ ଘଟିବ ନାହିଁ ବୋଲି ବିଶ୍ୱାସ । ଜୀବନ ଅମୂଲ୍ୟ ତେଣୁ ଜୀବନ ସହିତ ଖେଳିବା ଏକ ଧର୍ତ୍ତବ୍ୟ ଅପରାଧ, ଏବେବି ସମୟ ଅଛି ଆମେ ସଚେତନ ହେଲେ ଅନେକ ଅମୂଲ୍ୟ ଜୀବନ ରକ୍ଷା କରି ପାରିବା । ଭବିଷ୍ୟତରେ ଏହିପରି ଦୁର୍ଘଟଣା କିପରି ନ'ହେବ ସେଥିପ୍ରତି ପରିବାର, ପିତା ମାତା, ତଥା ଜନସାଧାରଣଙ୍କ ସହିତ ପ୍ରଶାସନ ଦୃଷ୍ଟି ଦେବାର ସମୟ ଉପନୀତ । ନିରୀହ ଶିଶୁ ମାନଙ୍କ ଜୀବନ ଦେଶ ପାଇଁ ମୂଲ୍ୟବାନ, ସେମାନେ ଆମ ଦେଶର ଭବିଷ୍ୟତ ଅଟନ୍ତି । ପ୍ରଶାସନକୁ ଅନୁରୋଧ ସେମାନେ କଠୋରରୁ କଠୋର ନିୟମ ଦ୍ୱାରା ଏହି ଦୁର୍ଘଟଣା ଉପରେ ରୋକ ଲଗାନ୍ତୁ ।

# ଅଦୃଶ୍ୟ ହାତ



ଡ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ
ମୋ- ୯୭୭୮୭୬୪୩୯୪

ଯେତେବେଳେ ଆମେ କୌଣସି ଗୀତ ଶୁଣୁ ବା ସିନେମା ଦେଖୁ ସାଧାରଣ ଭାବେ ଆମେ ଗାୟକ/ଗାୟିକା ଅଭିନେତା କିମ୍ବା ଅଭିନେତ୍ରୀ ମାନଙ୍କ ବିଷୟରେ ଚର୍ଚ୍ଚା କରୁ ସେମାନଙ୍କ ଭଲମନ୍ଦ କଥା ବିଚାର କରୁ କିନ୍ତୁ ଏହା ପଛରେ ଥିବା ଗୀତିକାର, ନିର୍ଦ୍ଦେଶକ ଓ ପ୍ରଯୋଜକମାନଙ୍କ କଥା ଆମ ମନରେ କିମ୍ବା ଆଲୋଚନାରେ ପ୍ରାୟତଃ ସ୍ଥାନ ପାଇନଥାଏ । ଏସବୁ ବ୍ୟକ୍ତିବିଶେଷଙ୍କ ଅବଦାନକୁ ଅର୍ଥନୀତି ଶାସ୍ତ୍ରର ଜନକ ଆଡାମ୍ ସ୍ମିଥ୍, Invisible hand ବା ଅଦୃଶ୍ୟ ହାତର ସଂଜ୍ଞା ଦେଇଛନ୍ତି । ବ୍ୟକ୍ତିଠାରୁ ଆରମ୍ଭ କରି ପରିବାର, ସମାଜ, ସର୍ବୋପରି ରାଷ୍ଟ୍ର ଗଠନରେ ଅନେକ ଅଦୃଶ୍ୟ ହାତର ଅବଦାନ ଥାଏ । ଯେଉଁମାନଙ୍କୁ ଆମ୍ଭେମାନେ ଅନେକ ସମୟରେ ଚିହ୍ନି ନଥାଉ କି ଜାଣି ନଥାଉ, କିମ୍ବା ବେଳେ ବେଳେ ଜଣାଇବାକୁ ମଧ ଚାହିଁ ନଥାଉ। ଜଣେ ସଚେତନ ନାଗରିକ ହିସାବରେ ସେମାନଙ୍କର ଅବଦାନକୁ ସ୍ମରଣ କରିବା ଆମ ସମସ୍ତଙ୍କ ପାଇଁ ଏକ ମୌଳିକ କର୍ତ୍ତବ୍ୟ ଭାବେ ବିବେଚନା କରାଯିବା ଦରକାର । ଅଧିକାଂଶ ସମୟରେ ଆଧାତ୍ମିକତା / ଅଲୌକିକ ସତ୍ତା ଭାବନାର ବଶବର୍ତ୍ତୀ ହୋଇ ଆମ୍ଭେମାନେ ଅଦୃଶ୍ୟ ସତ୍ତା ଉପରେ ବିଶ୍ୱାସ ଏବଂ ଭରସା କରି ଅନେକ ପୂଜା, ପାଠ ଏବଂ ଉପଚାର ମଧ କରିଥାଉ । ମନ୍ଦିର, ମସ୍‌ଜିଦ୍,ଗୀର୍ଜା ଆଦି ବିଭିନ୍ନ ଧର୍ମାନୁଷ୍ଠାନ ମାନଙ୍କୁ ଦୌଡି କେତେ ମାନସିକ ରଖିଥାଉ, କିନ୍ତୁ ଭାବଗ୍ରାହୀଙ୍କ ଭାବ ବୁଝିବା କ'ଣ ଏତେ ସହଜ। ଭାଗବତରେ ପରା ଅଛି- 'ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗୀନାମ୍ ହୃଦୟେ ନଚ, ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ' ଅର୍ଥାତ୍ ଆମେ ବୈକୁଣ୍ଠ, ଯୋଗୀ, ଋଷି, ମଠ, ମନ୍ଦିର ମଧ୍ୟରେ ଭଗବାନଙ୍କୁ ନ ଖୋଜି ନିଜ ମଧ୍ୟରେ ଥିବା ଅଦୃଶ୍ୟ ଭଗବତ ସତ୍ତା ଖୋଜିବା ପାଇଁ ଚେଷ୍ଟା କରିବା ଦରକାର।

ଏ ସବୁ କଥା ଭିତରେ ପୁଣି ଦୃଶ୍ୟ ଓ ଅଦୃଶ୍ୟ ହାତକୁ ନେଇ ଅନେକ ବାଦ ବିବାଦ ରହିଆସିଅଛି । କେଉଁଠି ଲୋକ ବଞ୍ଚି ଥାଉ ଥାଉ ବିଭିନ୍ନ ସୁବିଧା ସୁଯୋଗ ହାତେଇବା ପାଇଁ ତାଙ୍କୁ ଅଦୃଶ୍ୟ କରିଦିଆଯାଉଛି ତ ଆଉ କେଉଁଠି ଅଦୃଶ୍ୟ ଭଗବାନଙ୍କର ସତ୍ତା ଥିବା ତଥାକଥିତ ମୂର୍ତ୍ତିମାନେ କ୍ଷୀର ପିଇଲେଣି ବୋଲି ଡିଣ୍ଡିମ ପିଟା ଚାଲିଛି । ସ୍ନେହ, ଶ୍ରଦ୍ଧା, ଭଲପାଇବା, ଆଶୀର୍ବାଦ ଓ ସମ୍ମାନ ଯେଉଁଗୁଡ଼ିକ ସାଙ୍କେତିକ ଭାବେ ପ୍ରକାଶିତ ହୋଇଥାଏ, ତାହାକୁ ଲୋକମାନେ ଅନେକ ସମୟରେ ପଣ୍ୟଦ୍ରବ୍ୟ (Commodity) ଭାବେ ତଉଲିବା ଆରମ୍ଭ କଲେଣି । ହେତୁବାଦୀମାନେ କୌଣସି ଅଦୃଶ୍ୟ ସତ୍ତା ଉପରେ ଭରସା ନ କରି ବିଭିନ୍ନ ବିଜ୍ଞାନ ସମ୍ମତ ତତ୍ତ୍ୱ ଉପରେ ବିଶ୍ୱାସ ରଖୁଛନ୍ତି, ଯାହା ଧିରେ ଧିରେ ଜନାଦୃତ ହେଉଛି । ଦ୍ରୌପଦୀଙ୍କୁ କୁରୁସଭା ମଧ୍ୟରେ ଉଲଗ୍ନ କରିବା ପାଇଁ ପ୍ରୟାସ କରାଯାଉଥିବା ସମୟରେ ଶ୍ରୀକୃଷ୍ଣଙ୍କ ଅଦୃଶ୍ୟ ହାତ ତାଙ୍କୁ ବସ୍ତ୍ରଦାନ କରିଥିଲା, ଯାହା ଏପର୍ଯ୍ୟନ୍ତ ପୌରାଣିକ ଭାବେ କିମ୍ବଦନ୍ତୀ ହୋଇରହିଛି । ମଠ-ମନ୍ଦିର ପରମ୍ପରାରେ ଯଦି କୌଣସି କାରଣରୁ ଦେବଦାସୀ ଟିଏ ଗର୍ଭବତୀଟିଏ ହୋଇ ସନ୍ତାନ ଜନ୍ମ କଲା, ତେବେ ତାହା ଈଶ୍ୱରଙ୍କ ଆଶୀର୍ବାଦ ଓ ବରଦାନ ବୋଲି ମନେକରଯାଉଥିଲା ଏବଂ ଜନ୍ମିତ ସନ୍ତାନଟିକୁ ଭଗବାନଙ୍କର ସନ୍ତାନ ବୋଲି ଆଖ୍ୟା ଦିଆଯାଇ ଦୃଶ୍ୟ ପିତୃତ୍ୱକୁ ଅଦୃଶ୍ୟ କରାଇ ଦିଆଯାଉଥିଲା ।

ସମୟ ବଦଳିବା ସଙ୍ଗେସଙ୍ଗେ ମଣିଷମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ଗୁଡ଼ିକ ବସା ବାନ୍ଧିଲାଣି । ସମ୍ବଲପୁର ଜିଲ୍ଲାର ଏକ ପରିତ୍ୟକ୍ତ ବୋରୱେଲ ଗାତ ଭିତରେ ପଡ଼ି କୁଆଁ କୁଆଁ ଡାକ ଛାଡୁଥିବା ପିଲାଟି ପାଇଁ ତାର ବାପା ମା' ଥିଲେ ଅଦୃଶ୍ୟ । ଆଉ ଯେଉଁମାନେ ତାର କାନ୍ଦ ଶୁଣି ସାହାଯ୍ୟର ହାତ ବଢ଼ାଇଥିଲେ ସେମାନେ ତା ପାଇଁ ଅଦୃଶ୍ୟ ଶକ୍ତିର ଦେବାଦେବୀ ମାନଙ୍କର ଦୃଶ୍ୟମାନ ପ୍ରତିମା ମାନେ । ଯେଉଁଠି ମା'କୁ ଅଦୃଶ୍ୟ ସ୍ୱର୍ଗ ଠାରୁ ବଡ଼ ଆଉ ବାପାଙ୍କୁ ଅଦୃଶ୍ୟ ଧର୍ମ ଦେବତାଙ୍କ ଚଳନ୍ତି ପ୍ରତିମା ଭାବେ ପରିକଳ୍ପନା କରାଯାଏ ସେଠାରେ ଏ ପ୍ରକାର ଦୃଶ୍ୟ ଅଦୃଶ୍ୟର ଲୁଚକାଳି ଖେଳରେ ବଳି ପଡ଼ିଯାଆନ୍ତି କିଛି ସରଳ ନିଷ୍ପାପ ଏବଂ ନିର୍ବୋଧ ଶିଶୁ ଏହି ଅଦୃଶ୍ୟ ପରିଚୟ ପଛରେ ଯେତେ ଅକୁହା ଯନ୍ତ୍ରଣା, ସାମାଜିକ ପ୍ରତିବନ୍ଧକ ତଥା କାଦୁଅ ଫିଙ୍ଗା ସମ୍ପର୍କର କାହାଣୀ ଲିପିବଦ୍ଧ ଥାଏ ତାହାକୁ ପରିଚିତ କରାଇ ପାରିଲେ ହୁଏତ ଅନେକ ମୁଖା ପିନ୍ଧା ବ୍ୟକ୍ତିତ୍ୱର ଅସଲ ଚେହେରା ପଦାକୁ ଆସିପାରନ୍ତା ।

ବାହାନଗା ରେଳ ଦୁର୍ଘଟଣା ତଥା ମଣିପୁର ହିଂସାରେ ପ୍ରାଣ ହରାଇଥିବା କିଛି ବ୍ୟକ୍ତି ମାନଙ୍କର ଶବ ନେବା ପାଇଁ ଏପର୍ଯ୍ୟନ୍ତ କେହି ଦାବିଦାର ନାହାଁନ୍ତି । ଉକ୍ତ ଶବ ମାନଙ୍କର ପରିଚୟ ଉଭୟ ପ୍ରଶାସନ ଏବଂ ସମାଜ ଆଗରେ ସତେ ଯେପରି ଅଦୃଶ୍ୟ । କେତେକଙ୍କ ମତରେ ଏହି ଅପରିଚିତ ଶବ ଗୁଡ଼ିକ କୁଆଡ଼େ ଆମ ଦେଶର ନାଗରିକ ମାନଙ୍କ ନୁହେଁ କିମ୍ବା ଏମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିଲେ । ଆମେ ବିଜ୍ଞାନକୁ ବିଶ୍ୱାସ କରୁଥିବା ବେଳେ ଏସବୁ ଶବ ଗୁଡ଼ିକର ଅଦୃଶ୍ୟ ପରିଚୟ ଗୁଡ଼ିକୁ ପରିଚିତ କରାଇବାରେ ଆମ ସମସ୍ତଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ରହିଛି ନହେଲେ ଶବ ଗୁଡ଼ିକ ମିଥ୍ୟା ଆରୋପର ଶରବ୍ୟ ହେଉଥିବେ ସିନା କିନ୍ତୁ ଦେଶ ଆଗରେ ଏକ ବିରାଟ ଶୂନ୍ୟସ୍ଥାନ ଛାଡ଼ି ଚାଲିଯିବେ । ଯେତେବେଳେ ଆମେମାନେ ବିଜ୍ଞାନର ଉପଯୋଗ କରି ଅଦୃଶ୍ୟ ଦେବତା ନବଗ୍ରହଙ୍କୁ ଦୃଶ୍ୟମାନ କରି ସେମାନଙ୍କ ସମ୍ପର୍କରେ ତଥ୍ୟ ହାସଲ କରିପାରୁଛନ୍ତି ତଥା ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗକୁ କୌଣସି ଅଦୃଶ୍ୟ ଶକ୍ତିର ଚମତ୍କାରିତା ନଭାବି କେବଳ ଗ୍ରହ ନକ୍ଷତ୍ରର ଚଳନ ବୋଲି ପ୍ରମାଣ କରିସାରିଛୁ ସେ ସମୟରେ ଏସବୁ ଅଦୃଶ୍ୟ ପରିଚୟ ଗୁଡ଼ିକୁ ରୋକିବା କଷ୍ଟକର ହୋଇପାରେ କିନ୍ତୁ ଅସମ୍ଭବ ନୁହେଁ । ବର୍ତ୍ତମାନ ପରିପ୍ରେକ୍ଷୀରେ କେହି ନିଜ ମୁହଁ ନଖୋଲି ନିରବ ରହି ନିଜକୁ ଅଦୃଶ୍ୟ ହୋଇ ରହିବା ପାଇଁ ନାରାଜ । ଯେଉଁମାନେ ସାଧାରଣ ଜୀବନରେ କିମ୍ବା ଗଣମାଧ୍ୟମର ମୁଖ୍ୟ ସ୍ରୋତରେ ନିଜକୁ ଖୋଜି ପାଉନାହାଁନ୍ତି, ସେମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ସବୁଠୁ ବଡ଼ ବିକଳ୍ପ ଏବଂ ଅସ୍ତ୍ର । ଏହାଦ୍ୱାରା ସେମାନଙ୍କୁ ଅନ୍ୟ ଆଗରେ ପରିଚିତ କରାଇବାର ସହଜ ଓ ସରଳ ବାଟ ମିଳିଯାଇଛି । ଶେଷରେ ଏତିକି କୁହାଯାଇପାରେ, ଅଦୃଶ୍ୟ ହାତ ଗୁଡ଼ିକ ଦୃଶ୍ୟ ହେବାରେ ଯେମିତି ଆନନ୍ଦ ପାଇଥାଆନ୍ତି, ସେହିଭଳି ଭାବେ ଦୃଶ୍ୟ ମାନେ ସ୍ଥାନ, କାଳ ଓ ପାତ୍ର ଭେଦରେ ଅଦୃଶ୍ୟ ହେବାରେ ସେତିକି ଆନନ୍ଦ ପାଇଥାଆନ୍ତି । ତେବେ କେଉଁଠି ଆବଶ୍ୟକ ଏବଂ ଜରୁରୀ ତା'ର ସଠିକ୍ ବିଚାର କରାଯିବା ଆବଶ୍ୟକ ।

ଏ ସବୁ କଥା ଭିତରେ ପୁଣି ଦୃଶ୍ୟ ଓ ଅଦୃଶ୍ୟ ହାତକୁ ନେଇ ଅନେକ ବାଦ ବିବାଦ ରହିଆସିଅଛି । କେଉଁଠି ଲୋକ ବଞ୍ଚି ଥାଉ ଥାଉ ବିଭିନ୍ନ ସୁବିଧା ସୁଯୋଗ ହାତେଇବା ପାଇଁ ତାଙ୍କୁ ଅଦୃଶ୍ୟ କରିଦିଆଯାଉଛି ତ ଆଉ କେଉଁଠି ଅଦୃଶ୍ୟ ଭଗବାନଙ୍କର ସତ୍ତା ଥିବା ତଥାକଥିତ ମୂର୍ତ୍ତିମାନେ କ୍ଷୀର ପିଇଲେଣି ବୋଲି ଡିଣ୍ଡିମ ପିଟା ଚାଲିଛି । ସ୍ନେହ, ଶ୍ରଦ୍ଧା, ଭଲପାଇବା, ଆଶୀର୍ବାଦ ଓ ସମ୍ମାନ ଯେଉଁଗୁଡ଼ିକ ସାଙ୍କେତିକ ଭାବେ ପ୍ରକାଶିତ ହୋଇଥାଏ, ତାହାକୁ ଲୋକମାନେ ଅନେକ ସମୟରେ ପଣ୍ୟଦ୍ରବ୍ୟ (Commodity) ଭାବେ ତଉଲିବା ଆରମ୍ଭ କଲେଣି । ହେତୁବାଦୀମାନେ କୌଣସି ଅଦୃଶ୍ୟ ସତ୍ତା ଉପରେ ଭରସା ନ କରି ବିଭିନ୍ନ ବିଜ୍ଞାନ ସମ୍ମତ ତତ୍ତ୍ୱ ଉପରେ ବିଶ୍ୱାସ ରଖୁଛନ୍ତି, ଯାହା ଧିରେ ଧିରେ ଜନାଦୃତ ହେଉଛି । ଦ୍ରୌପଦୀଙ୍କୁ କୁରୁସଭା ମଧ୍ୟରେ ଉଲଗ୍ନ କରିବା ପାଇଁ ପ୍ରୟାସ କରାଯାଉଥିବା ସମୟରେ ଶ୍ରୀକୃଷ୍ଣଙ୍କ ଅଦୃଶ୍ୟ ହାତ ତାଙ୍କୁ ବସ୍ତ୍ରଦାନ କରିଥିଲା, ଯାହା ଏପର୍ଯ୍ୟନ୍ତ ପୌରାଣିକ ଭାବେ କିମ୍ବଦନ୍ତୀ ହୋଇରହିଛି । ମଠ-ମନ୍ଦିର ପରମ୍ପରାରେ ଯଦି କୌଣସି କାରଣରୁ ଦେବଦାସୀ ଟିଏ ଗର୍ଭବତୀଟିଏ ହୋଇ ସନ୍ତାନ ଜନ୍ମ କଲା, ତେବେ ତାହା ଈଶ୍ୱରଙ୍କ ଆଶୀର୍ବାଦ ଓ ବରଦାନ ବୋଲି ମନେକରଯାଉଥିଲା ଏବଂ ଜନ୍ମିତ ସନ୍ତାନଟିକୁ ଭଗବାନଙ୍କର ସନ୍ତାନ ବୋଲି ଆଖ୍ୟା ଦିଆଯାଇ ଦୃଶ୍ୟ ପିତୃତ୍ୱକୁ ଅଦୃଶ୍ୟ କରାଇ ଦିଆଯାଉଥିଲା । ସମୟ ବଦଳିବା ସଙ୍ଗେସଙ୍ଗେ ମଣିଷମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ଗୁଡ଼ିକ ବସା ବାନ୍ଧିଲାଣି । ସମ୍ବଲପୁର ଜିଲ୍ଲାର ଏକ ପରିତ୍ୟକ୍ତ ବୋରୱେଲ ଗାତ ଭିତରେ ପଡ଼ି କୁଆଁ କୁଆଁ ଡାକ ଛାଡୁଥିବା ପିଲାଟି ପାଇଁ ତାର ବାପା ମା' ଥିଲେ ଅଦୃଶ୍ୟ । ଆଉ ଯେଉଁମାନେ ତାର କାନ୍ଦ ଶୁଣି ସାହାଯ୍ୟର ହାତ ବଢ଼ାଇଥିଲେ ସେମାନେ ତା ପାଇଁ ଅଦୃଶ୍ୟ ଶକ୍ତିର ଦେବାଦେବୀ ମାନଙ୍କର ଦୃଶ୍ୟମାନ ପ୍ରତିମା ମାନେ । ଯେଉଁଠି ମା'କୁ ଅଦୃଶ୍ୟ ସ୍ୱର୍ଗ ଠାରୁ ବଡ଼ ଆଉ ବାପାଙ୍କୁ ଅଦୃଶ୍ୟ ଧର୍ମ ଦେବତାଙ୍କ ଚଳନ୍ତି ପ୍ରତିମା ଭାବେ ପରିକଳ୍ପନା କରାଯାଏ ସେଠାରେ ଏ ପ୍ରକାର ଦୃଶ୍ୟ ଅଦୃଶ୍ୟର ଲୁଚକାଳି ଖେଳରେ ବଳି ପଡ଼ିଯାଆନ୍ତି କିଛି ସରଳ ନିଷ୍ପାପ ଏବଂ ନିର୍ବୋଧ ଶିଶୁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ବୋରାସମ୍ବର କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ

# ସେମିରେ ଭୁବନେଶ୍ୱର ବାପୁଜୀ କ୍ଲବ୍




**ପଦ୍ମପୁର**

ବରଗଡ଼ ଜିଲ୍ଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡ଼ିଆରେ ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଚାଲିଥିବା ୨୮ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ୍‌ର ଗ୍ରୁପ୍ ବି'ର ଦ୍ୱିତୀୟ ମ୍ୟାଚ୍ ବାପୁଜୀ କ୍ରିକେଟ କ୍ଲବ ଭୁବନେଶ୍ୱର ଏବଂ ଗୁଲବର୍ଗା ସିଟି ଇଲେଭେନ (କର୍ଣ୍ଣାଟକ) ମଧ୍ୟରେ ହୋଇଥିଲା। ଗୁଲବର୍ଗା ଦଳ ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିଥିଲା। ବାପୁଜୀ ଦଳ ବ୍ୟାଟିଂ କରି ୨୯.୫ ଓଭରରେ ସମସ୍ତ ୱିକେଟ ହରାଇ ୨୫୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦେବାଂଶ ପଟ୍ଟନାୟକ ୮୮(୫୭) ରନ୍ କରିଥିବା ବେଳେ ଅୟଶ୍ରୀ ଡି. ଭଟ୍ଟ ୫୦ରନ୍ କରିଥିଲେ। ଗୁଲବର୍ଗା ସିଟି ପକ୍ଷରୁ ନୀତିଶ ନିକ୍ୟାଲ ୩ଟି ୱିକେଟ୍ ନେଇଥିଲେ। ୨୫୫ ରନ୍ ଲକ୍ଷ୍ୟ ନେଇ ଗୁଲବର୍ଗା ଦଳ ୧୮.୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୯୮ରନ ସଂଗ୍ରହ କରି ୧୫୬ ରନରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ଅଭିଷେକ ୨୪ ରନ୍ କରିଥିଲେ। ବାପୁଜୀ ଦଳ ପକ୍ଷରୁ ସାୟେଦ ଯକି ୩ ଓ ସତ୍ୟଜିତ ସବତ ୨ଟି ୱିକେଟ୍ ନେଇଥିଲେ।

ପୁରସ୍କାର ବିତରଣୀ ଉତ୍ସବରେ ପଦ୍ମପୁର ଆର୍.ବି. ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲୋଭାଦିନୀ ସାହୁ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଦେବାଂଶ ପଟ୍ଟନାୟକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ଅମୀୟ ଭୂଷଣ ସାହୁ ଓ ବିଶ୍ୱମ୍ବର ମହାକୁଡ଼ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ଦିବ୍ୟ ପଣ୍ଡା, ରୋହିଣୀ ପାଣ୍ଡେ, ଏସ୍. ଜୟକିଶନ, କୁମାର ଆନନ୍ଦ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ଗ୍ରୁପ୍ ବି'ର ମ୍ୟାଚ୍ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଓ ବିଳାସପୁର ସାଉଥ୍ ଇଷ୍ଟ ସେଣ୍ଟ୍ରାଲ ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ଲେୟର ଅଫ୍ ଦ ମ୍ୟାଚ୍ ହେଲେ ରୋହିତ

**ନୂଆଦିଲ୍ଲୀ**

ଭାରତ ଟି-୨୦ ସିରିଜର ତୃତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ହରାଇ ବିଜୟୀ ହୋଇଛି। ଟିମ୍ ଇଣ୍ଡିଆ ପ୍ରଥମେ ବ୍ୟାଟିଂ କରି ୨୧୨ ରନ୍ କରିଥିଲା। ଏହାର ଜବାବରେ ଆଫଗାନିସ୍ତାନ ମଧ୍ୟ ରନ୍‌ର ବରାବରି କରିଥିଲା ଯାହା ଫଳରେ ମ୍ୟାଚ୍ ଟାଏ ହୋଇଯାଇଥିଲା। ତେଣୁ ମ୍ୟାଚ୍‌ର ଫଳାଫଳ ବାହାରିବା ପାଇଁ ସୁପର ଓଭର ହୋଇଥିଲା। ଏହି ସମୟରେ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ପ୍ଲେୟର ଅଫ ଦ ମ୍ୟାଚ୍ ଭାବେ ଚୟନ କରାଯାଇଛି। ତେବେ ମ୍ୟାଚ୍ ପରେ ରୋହିତ ଟିମ୍ ଇଣ୍ଡିଆର ଖେଳାଳିଙ୍କ ପ୍ରଶଂସା କରିଛନ୍ତି।




ରୋହିତ ମ୍ୟାଚ୍ ପରେ ରିଙ୍କୁ ସିଂଙ୍କ ପ୍ରଶଂସା କରି କହିଛନ୍ତି, ମୋର ମନେ ନାହିଁ ଯେ ଶେଷ ଥର ଏହା କେବେ ହୋଇଥିଲା। ସହଭାଗୀତା ବଜାୟ ରଖିବା ଦଳ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରିଙ୍କୁ ଏବଂ ମୁଁ କ୍ରମାଗତ ଭାବରେ ଏ ବିଷୟରେ ଆଲୋଚନା କରିଥିଲୁ। ଆମେ ଆମର ଉଦ୍ଦେଶ୍ୟ ହରାଇବାକୁ ଚାହୁଁନାହୁଁ। ମ୍ୟାଚ୍ ବହୁତ ଆକର୍ଷଣୀୟ ଥିଲା। ସେଠାରେ କିଛି ଚାପ ମଧ୍ୟ ଥିଲା। କିନ୍ତୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆପଣ ନିଜ ବ୍ୟାଟିଂ ଉପରେ ନିୟନ୍ତ୍ରଣ ବଜାୟ ରଖିବା।

ସୂଚନାଯୋଗ୍ୟ ଯେ ରୋହିତ ଚମତ୍କାର ବ୍ୟାଟିଂ କରି ୧୨୧ ରନ ସ୍କୋର କରିଥିଲେ। ୬୯ ବଲରେ ୧୧ ଚୌକା ଓ ୮ ଛକା ମାରିଥିଲେ। ରିଙ୍କୁ ରୋହିତଙ୍କୁ ମଧ୍ୟ ବହୁତ ସମର୍ଥନ କରିଥିଲେ। ସେ ୩୯ ବଲରେ ୬୯ ରନ୍ ସ୍କୋର କରିଥିଲେ। ସେହି ସମୟରେ ରିଙ୍କୁ ୨ଟି ଚୌକା ଓ ୬ ଛକା ମାରିଥିଲେ। ଦୁହେଁ ଅପରାଜିତ ରହିଥିଲେ।

# ଟି-୨୦ ର୍ୟାଙ୍କିଙ୍ଗ୍ : ଶ୍ରେଷ୍ଠ ୧୦ରେ ଯଶସ୍ୱୀ ଜୟସ୍ୱାଲ

**ନୂଆଦିଲ୍ଲୀ**

ଭାରତୀୟ ଦଳର ଯୁବ ବ୍ୟାଟର୍ ଯଶସ୍ୱୀ ଜୟସ୍ୱାଲଙ୍କୁ ବହୁତ ଫାଇଦା ହୋଇଛି। ସେ ଟି-୨୦ ର୍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ପହଞ୍ଚିଛନ୍ତି। ଇନ୍ଦୋରରେ ଖେଳାଯାଇଥିବା ମୁକାବିଲାରେ ଯଶସ୍ୱୀ ଦମ୍‌ଦାର ଅର୍ଦ୍ଧଶତକ କରିଥିଲେ। ତାଙ୍କୁ ୭ଟି ସ୍ଥାନର ଫାଇଦା ହୋଇଛି। ଟିମ୍ ଇଣ୍ଡିଆ ନିକଟରେ ଟି-୨୦ ସିରିଜରେ ଆଫଗାନିସ୍ତାନକୁ ୩-୦ରେ ପରାସ୍ତ କରିଛି।



ବ୍ୟାଟରଙ୍କ ଟି-୨୦ ର୍ୟାଙ୍କିଙ୍ଗରେ ସୂର୍ଯ୍ୟକୁମାର ଯାଦବ ଶୀର୍ଷରେ ରହିଛନ୍ତି। ସେ ୮୬୯ ରେଟିଂ ପାଇଛନ୍ତି। ଫିଲିପ ସାଲ୍ଟ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ପାକିସ୍ତାନର ବ୍ୟାଟ୍ସମ୍ୟାନ ମହମ୍ମଦ ରିଜୱାନ ତୃତୀୟ ସ୍ଥାନରେ ଏବଂ ବାବର ଆଜାମ ଚତୁର୍ଥ ସ୍ଥାନରେ ଅଛନ୍ତି। ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ଖେଳାଳି ଆଡେନ ମାର୍କ୍ରାମ ପଞ୍ଚମ ସ୍ଥାନରେ, ଯଶସ୍ୱୀ ଷଷ୍ଠ ନମ୍ବରରେ ପହଞ୍ଚିଛନ୍ତି। ସେହିପରି ଭାରତୀୟ ବ୍ୟାଟର ଋତୁରାଜ ଗାୟକ୍ୱାଡ୍ ୯ମ ସ୍ଥାନରେ ଅଛନ୍ତି।

# କେଶରଡ଼ାରେ ଜିଲ୍ଲା ସ୍ତରୀୟ ଭଲି ଟୁର୍ଣ୍ଣାମେଣ୍ଟ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଆମ୍ବେରୀ ପଞ୍ଚାୟତ କେଶରଡ଼ା ଗ୍ରାମ ସ୍ଥିତ ସୁଦର୍ଶନ ମଠ ପଡିଆ ଠାରେ ସୁଦର୍ଶନ ଆଥେଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଛଅ ଗୋଟି ଦଳକୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ପାରାଦ୍ୱୀପ ପୋର୍ଟ ଏବଂ ତିର୍ତ୍ତୋଲ ଭଲି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାରାଦ୍ୱୀପ ପୋର୍ଟ ୨-୦ ସେଟ୍‌ରେ ବିଜୟୀ ହୋଇଥିଲା। ଆସୋସିଏସନର ସଭାପତି ଲଳିତ ମୋହନ ମହାନ୍ତି ଏବଂ ସମ୍ପାଦକ ବିକ୍ରମ କେଶରୀ ମହାନ୍ତି ପତାକା ଉତ୍ତୋଳନ କରିଥିବା ବେଳେ ଆମ୍ବେରୀ ସରପଞ୍ଚ ରୀନାବାଳା ମଲ୍ଲିକ ଏବଂ ସମିତି ସଭ୍ୟ ଅରୁଣ କୁମାର ମଲ୍ଲିକ ଟ୍ରଫି ଉନ୍ମୋଚନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଅନ୍ତର୍ଜାତୀୟ ଭଲିବଲ୍ ରେଫ୍ରି ଶାଶ୍ୱତ ଭାରତୀୟ, ଜ୍ଞାନେନ୍ଦ୍ର ମଲ୍ଲିକ, ସଞ୍ଜୟ ଭୋଇ ଏବଂ ବିଶ୍ୱଜିତ ପରିଡ଼ା ସୁନ୍ଦର ଖେଳ ପରିଚାଳନା କରିଥିଲେ। ଆସୋସିଏସନର ସମସ୍ତ କର୍ମକର୍ତ୍ତା ଟୁର୍ଣ୍ଣାମେଣ୍ଟ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଗାମୀ ଦିନରେ ଏହି ଟୁର୍ଣ୍ଣାମେଣ୍ଟ ଆହୁରି ଆକର୍ଷଣୀୟ ହେବ ବୋଲି କର୍ମକର୍ତ୍ତା ଏବଂ ଅତିଥିମାନେ ଦୃଢୋକ୍ତି ପ୍ରକାଶ କରିଥିଲେ।

# ବେହେରାପାଟ ଫୁଟ୍‌ବଲ୍ ପଡ଼ିଆରେ ୧୫ତମ ଏକ ଦିବସୀୟ ଫୁଟ୍‌ବଲ୍ ପ୍ରତିଯୋଗିତା : ସୁନ୍ଦରଗଡ଼ ଚାମ୍ପିଅନ



**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ବେହେରାପାଟ ଫୁଟ୍‌ବଲ୍ ପଡିଆ ଠାରେ ମା' ସମ୍ଲେଶ୍ୱରୀ ଯୁଥ୍ କ୍ଲବ୍ ଆନୁକୂଲ୍ୟରେ ୧୫ତମ ଏକ ଦିବସୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ସକାଳ ୧୦ଟାରେ ଆରମ୍ଭ ହୋଇଥିଲା। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ଶ୍ରେଷ୍ଠ ୮ଟି ଦଳକୁ ନେଇ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଶେଷରେ ଫାଇନାଲ ମ୍ୟାଚ୍ ଫ୍ରେନ୍‌ଡସ୍ କ୍ଲବ୍ (ସୁନ୍ଦରଗଡ଼) ଓ ଝାଡ଼େଶ୍ୱରୀ କ୍ଲବ୍ ଚିତୁଆପଡ଼ା (ଝାରସୁଗୁଡା) ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ଖେଳଟି ବେଶ୍ ପ୍ରତିଯୋଗିତାମୂଳକ ହୋଇଥିଲା। ଖେଳର ପ୍ରଥମ ଭାଗରେ ଫ୍ରେନ୍‌ଡସକ୍ଲବ୍ ସୁନ୍ଦରଗଡ଼ ପ୍ରଥମ ଗୋଲ ଦେଇ ଆଗୁଆ ରହିଥିଲା। ୨ୟ ଭାଗରେ ଚିତୁଆପଡ଼ା ଗୋଲଟି ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଗୋଲଟି ପରିଶୋଧ କରି ପାରି ନଥିଲେ। ଶେଷରେ ଫ୍ରେନ୍‌ଡସ୍ କ୍ଲବ ସୁନ୍ଦରଗଡ଼ ବିଜୟୀ ହୋଇଥିଲା। ପୂର୍ବତନ ବିଧାୟକ ତଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଓ ପରିବାର କଲ୍ୟାଣ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ପତ୍ନୀ ମିନତୀ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଖେଳାଳିମାନଙ୍କ ସହିତ ପରିଚିତ ହେବା ସହିତ ବିଜୟୀ ଦଳ ଫ୍ରେନ୍‌ଡସ୍ କ୍ଲବ୍ ସୁନ୍ଦରଗଡ଼କୁ ଟ୍ରଫି ସହ ୨୧ ହଜାର ଟଙ୍କା ଓ ରନର୍ସଅପ୍ ଝାଡ଼େଶ୍ୱରୀ କ୍ଲବ୍ ଚିତୁଆପଡ଼ାକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହାକୁ ସଫଳ ଆୟୋଜନ କରିବାରେ ଦୋଳଗୋବିନ୍ଦ ପ୍ରଧାନ, ସନ୍ତୋଷ ଦାସ, ଜଗନ୍ନାଥ ବେହୁରା, ସରୋଜମୁଣ୍ଡା, ଜତିନ ଘୁସି, ଲାଲବାହାଦୁର ମୁଣ୍ଡା, ରୋହିତ ଘୁସି, ମନୀଶି ଡିଲା, ପ୍ରକାଶ ଡିଲା ଓ ଭଗବାନ ଡିଲା ପ୍ରଭୃତି ରହି ଥିଲେ।

# କଣ୍ଟାବାଞ୍ଜିରେ ସର୍ବଭାରତୀୟ ସ୍ତରର ବିଜୁ ପଟ୍ଟନାୟକ ଓପନ ଚେସ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ଚେସ୍ ଏସୋସେସନ ପକ୍ଷରୁ ସ୍ଥାନୀୟ ହରିଭବନ ଠାରେ ଜିଲ୍ଲା ଚେସ୍ ଆସୋସିଏସନ ସହଯୋଗରେ ସର୍ବ ଭାରତୀୟ ବିଜୁ ପଟ୍ଟନାୟକ ଓପନ ଚେସ୍ ଚାମ୍ପିଅନ-ସିପ୍ ଉଦ୍‌ଯାପିତ ହୋଇ ଯାଇଛି। ୩ ଦିନ ଧରି ଚାଲିଥିବା ଏହି ଖେଳରେ ୯ ରାଉଣ୍ଡ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ନଗରପାଳ ବରିୟାମ ସିଂହ ସାଲୁଜା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବଲାଙ୍ଗୀର ଜିଲ୍ଲା ଉପାଧ୍ୟକ୍ଷ ନିରୂପମା ମାଝୀ, ମାରୱାଡ଼ି ଯୁବା ମଞ୍ଚ ରାଜ୍ୟ ଉପସଭାପତି ଅଙ୍କୁର ଅଗ୍ରୱାଲ, ୟୁନୀୟନ୍ ବ୍ୟାଙ୍କ ମ୍ୟାନେଜର ରାଜେଶ କୁମାର, ଅଗ୍ରୱାଲ ସଭା ଟ୍ରଷ୍ଟ ଅଧକ୍ଷ ସୁରେଶ ଆର୍ଯ୍ୟ, ରଞ୍ଜିତ ସିଂହ ବାବୁ, ଆୟୋଜକ କମିଟି ସଭାପତି ଶୁକଦେବ ମହାନ୍ତି, ସମ୍ପାଦକ ମଚିନ୍ଦ୍ର ନାରାୟଣ ବେହେରା, ପ୍ରତିଯୋଗିତା ପରିଚାଳକ ଭାବେଶ ମହାନ୍ତି, କ୍ଷୀରଧର ଦଳେଇ ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କ୍ଷୀରଧର ଦଳେଇ କରିଥିବା ବେଳେ ଧନ୍ୟବାଦ ଜ୍ଞାପନ ଖେଳ ନିର୍ଦ୍ଦେଶକ ଆଶିଷ ଖଇତାନ କରିଥିଲେ। ଏହି ଚାମ୍ପିଅନସିପ୍‌ରେ ରାଜ୍ୟ ତଥା ରାଜ୍ୟ ବାହାର ୧୬୭ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଅନ୍ୟ ପକ୍ଷରେ ଏଭଳି ଆୟୋଜନ ଯୋଗୁ କଣ୍ଟାବାଞ୍ଜିର ଚେସ୍ ଖେଳାଳିମାନେ ଉତ୍ସାହିତ ହୋଇ ଆଗକୁ ଏଭଳି ପ୍ରତିଯୋଗିତାରେ ଭାଗ ନେବାକୁ ଆଗକୁ ଆସିବେ ତାହା ଖେଳାଳି ମାନଙ୍କ ପାଇଁ ଶୁଭ ସଂକେତ ବୋଲି ମଞ୍ଚାସୀନ ଅତିଥି କହିଥିଲେ। ଚାମ୍ପିଅନ ଭାବେ ରାଉରକେଲାର ସାର୍ଥକ ଦେବତା, ଉପବିଜେତା ଭାବେ ଗଞ୍ଜାମର ଶ୍ରୀହନ ସାବତ, କଣ୍ଟାବାଞ୍ଜି ଭବାନୀ ପ୍ରସାଦ ମେହେର, ରାଜେଶ କୁମାର ବିହାର, ଲୋକାଲ ଚାମ୍ପିଅନ ସତୀଶ ମାରୁ ହୋଇଛନ୍ତି। ଏହା ସହ ଅନ୍ୟ କ୍ଷେତ୍ରର ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଛି।



କଣ୍ଟାବାଞ୍ଜି ଚେସ୍ ଆସୋସିଏସନ କାର୍ଯ୍ୟକାରୀ ସଭାପତି ସତୀଶ ମାରୁ, ଦେବେନ୍ଦ୍ର ଯୋଶୀ, ଜିତେଶ ମାରୁ, ଦେବ ମହାନ୍ତି, ଦେବାର ବାରିକ, ପ୍ରଶାନ୍ତ ପାଢୀ, ବିଶ୍ୱନାଥ ଅଗ୍ରୱାଲ, ଅରବିନ୍ଦ ଚନ୍ଦନ, ବିବେକ ଶର୍ମା, ପ୍ରିତିଶ ମହାନ୍ତି, ମନୀଷ ଜୈନ, ବିପୁଳ ମାରୁ, ନବିନ କୁଅଁର ପ୍ରମୁଖ ସହଯୋଗ କରିଥିଲେ ଥିଲେ।

# ଦିବାରାତ୍ର ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ଆଜାଦ୍ କ୍ଲବ୍‌ର ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ପୁରାତନ କ୍ଲବ୍ ଭାବେ ପରିଚିତ ଆଜାଦ କ୍ଲବ୍ ଆନୁକୂଲ୍ୟରେ ସର୍ବଭାରତୀୟ ସ୍ତରର ୪ ଦିନ ବ୍ୟାପୀ କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆରେ ଏକ ଦିବାରାତ୍ର ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ପୂର୍ବତନ କାଉନ୍‌ସିଲର ତଥା ବରିଷ୍ଠ କଂଗ୍ରେସ ନେତା ହିବଜୁବୁର ରହେମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଫୁଟ୍‌ବଲ୍ ଖେଳାଳି ସେକ୍ ଲିୟାକତ ଅଲ୍ଲୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ସଂପର୍କରେ ବିଶଦ ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ପୂର୍ବତନ କାଉନ୍‌ସିଲର ରିତ୍ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ସୟଦ ଅହେସାନ ଅଲ୍ଲୀ, ସୟଦ ଅକମଲ ଅଲ୍ଲୀ, ମହମ୍ମଦ ବକାଉଲ୍ଲା, ସେକ ସଫାତୁଲ୍ଲା, ସେକ ସିରହାନ ଅଲ୍ଲୀ, ଅକିଲ ଅହମ୍ମଦ, ଜାହିଦ ଖାନ, ମିର୍ ଖୁବେର, ନୁରଉଲ ହକ, ସେକ ଆଇଉଦ୍ଦିନ, ଜୁମା ଖାନ, ମିର ମହମ୍ମଦ ଅମୀର, ଛାତ୍ରନେତା ପରୱେଜ ଅଖତର ପ୍ରମୁଖ ଉପସ୍ଥିତ ରହି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ସହଯୋଗ କରିବେ ବୋଲି ଜଣାପଡ଼ିଛି।

# ଭାରତ ବିପକ୍ଷ ଟି-୨୦ ସିରିଜ୍‌ରେ ହାରି ମଧ୍ୟ ଖୁସି ଅଛନ୍ତି ଆଫଗାନିସ୍ତାନ ଅଧିନାୟକ



**ନୂଆଦିଲ୍ଲୀ**

ଭାରତ ବିପକ୍ଷ ଟି-୨୦ ସିରିଜ୍‌ରେ ଆଫଗାନିସ୍ତାନକୁ ୩-୦ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ଆଫଗାନିସ୍ତାନ ହାରିଥିଲେ ମଧ୍ୟ ସେମାନେ ପୂରା ସିରିଜ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ଦଳର ଅଧିନାୟକ ଇବ୍ରାହିମ ଜାଦ୍ରାନ ମଧ୍ୟ ଏଥିରେ ଖୁସି ଅଛନ୍ତି। ତୃତୀୟ ଟି-୨୦ ମ୍ୟାଚ୍‌ରେ ଆଫଗାନିସ୍ତାନ ଭାରତକୁ ସହଜରେ ଜିତିବାକୁ ଦେଇ ନ ଥିଲା। ପ୍ରଥମେ ମ୍ୟାଚ୍ ଟାଏ ହୋଇଥିଲା ଏବଂ ଏହା ପରେ ସୁପର ଓଭର ମଧ୍ୟ ଟାଏ ହୋଇଥିଲା। ଫଳରେ ଦ୍ୱିତୀୟ ସୁପର ଓଭରରେ ଟିମ୍ ଇଣ୍ଡିଆ ଜିତିଥିଲା। ଏହି ମ୍ୟାଚ୍ ସମ୍ପର୍କରେ ଜାଦ୍ରାନ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ମ୍ୟାଚ୍ ପରେ ଜାଦ୍ରାନ କହିଛନ୍ତି ଯେ, ତାଙ୍କ ଦଳ ପରାଜିତ ପରେ ମଧ୍ୟ ସେ କାହିଁକି ଖୁସି ଅଛନ୍ତି। ସେ କହିଛନ୍ତି, ମୁଁ ଆମର ପ୍ରଦର୍ଶନ ଯୋଗୁ ଖୁସି। ଆମେ ଭଲ ଖେଳିଛୁ, କିନ୍ତୁ ସୁପରରେ ହାରିବା ଦୁର୍ଭାଗ୍ୟଜନକ ଥିଲା। ଏହି ସିରିଜ୍‌ରୁ ଆମେ ବହୁତ କିଛି ଶିଖିବାକୁ ପାଇଛୁ ଏବଂ ଆମ ପାଇଁ ବହୁତ ସକାରାତ୍ମକ ଥିଲା। ଏଠାରେ ଆମର ଅଭିଜ୍ଞତା ଟି-୨୦ ବିଶ୍ୱକପ୍‌ରେ ଉପଯୋଗୀ ହେବ। ଆମର ଖେଳାଳିମାନେ ଗତ ତିନୋଟି ମ୍ୟାଚ୍‌ରେ ସର୍ବୋତ୍ତମ ପ୍ରଦର୍ଶନ କରିଛନ୍ତି। ପ୍ରଥମ ସୁପର ଓଭରରେ ଗୋଟିଏ ୱିକେଟ୍ ହରାଇବା ପରେ ଆଫଗାନିସ୍ତାନ ୧୬ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଟିମ୍ ଇଣ୍ଡିଆ ମଧ୍ୟ ୧୬ ରନ୍ କରିଥିଲା। ଏହା ପରେ ଦ୍ୱିତୀୟ ଓଭରରେ ୧ ୱିକେଟ୍ ହରାଇବା ପରେ ଭାରତ ୧୧ ରନ୍ ସଂଗ୍ରହ କରିଥିଲା। ହେଲେ ଏହାର ଜବାବରେ ଆଫଗାନିସ୍ତାନ ଦଳ ମାତ୍ର ୧ରନ ସ୍କୋର କରିପାରିଥିଲା। ଏହିପରି ଟିମ୍ ଇଣ୍ଡିଆ ବେଙ୍ଗାଲୁରୁରେ ଏକ ରୋମାଞ୍ଚକର ବିଜୟ ପଞ୍ଜିକରଣ କଲା।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଭଜନ, ସଂକୀର୍ତ୍ତନ

**ବାଲେଶ୍ୱର, ନ୍ୟୁଜ୍**

ରେମୁଣା ବ୍ଲକରସେରଗଡ଼ ଗ୍ରା.ପ କାର୍ଯ୍ୟାଳୟରେ ଶ୍ରୀମନ୍ଦିର ପରିକ୍ରମା ଲୋକାର୍ପଣ ଉତ୍ସବ ଉପଲକ୍ଷେ ଭଜନ, କୀର୍ତ୍ତନ, ସଂକୀର୍ତ୍ତନ ଓ ପ୍ରସାଦସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରା.ପ.ର ବିଭିନ୍ନ ଗ୍ରାମର ଭକ୍ତମାନେ ଏଥିରେ ଉପସ୍ଥିତ ରହି ବଡ଼ ଠାକୁରଙ୍କର ନାମ ସଂକୀର୍ତ୍ତନ ଓ ପୂଜାର୍ଚ୍ଚନା କରିଥିଲେ। ପୁରୀ ଶ୍ରୀମନ୍ଦିର ପରିକ୍ରମା ଉତ୍ସବର ସିଧାପ୍ରସାରଣ ପ୍ରଦର୍ଶିତ କରାଯାଇ ଥିଲା। ସରପଞ୍ଚ ଦୟାନିଧି ମହାପାତ୍ରଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟା କଲ୍ୟାଣୀ ବାରିକ, ସମିତି ସଭ୍ୟା ରଞ୍ଜିତା ନାୟକ, ନାଏବ ସରପଞ୍ଚ ମନୋରମା ରାଉତ, ୱାର୍ଡସଭ୍ୟ ବନମାଳି ଦାସ, ଲକ୍ଷ୍ମୀ-ନାରାୟଣ ରଥ, ଲକ୍ଷ୍ମୀପ୍ରିୟା ମଲିକ, ସୁମତୀ ଦାସ, ଯମୁନା ଦାସ, ଜୟନ୍ତି ସିଂ, ପ୍ରଶାନ୍ତ ମଲିକ, ଗାୟତ୍ରୀ ଷଡ଼ଙ୍ଗୀ, କରୁଣାକର ବାରିକ, ଯଶୋବନ୍ତୀ ନାୟକ, ଗଜେନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ ବେହେରା, ଗ୍ରାମ ରୋଜଗାର ସେବକ ସୁଜୟ କୁମାର ବେହେରା, ପଞ୍ଚାୟତ ବିଜେଡି ସଭାପତି ଆଡ଼ଭୋକେଟ ମହେଶ୍ୱର ପଣ୍ଡା, ବିଜେଡିର ବରିଷ୍ଠ ନେତା ରବି ରାଉତ, ପ୍ରଭାତ ବାରିକଙ୍କ ସମେତ ସ୍ଥାନୀୟ ସ୍ୱେଚ୍ଛାସେବୀ ମନୋଜ ମହାନ୍ତି, ରାମଚନ୍ଦ୍ର ଦାସ, ଶ୍ରୀନାଥ ପଣ୍ଡା, ଗଜେନ୍ଦ୍ର ନାୟକ, ରମାକାନ୍ତ ନାୟକ, ବିଶ୍ୱନାଥ ମହାନ୍ତି, ମନୁ ମୁଖୀ, ଏହି କାର୍ଯ୍ୟକ୍ରମ ଆୟୋଜନ ସଞ୍ଚାଳନରେ ସହଯୋଗ କରିଥିଲେ।




## ଜଗତସିଂହପୁର ପୁସ୍ତକ ମେଳାର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

# ମା' ଶାରଳାଙ୍କ ମାଟିର ସଂସ୍କୃତି, ସଭ୍ୟତା ଓ ସାହିତ୍ୟ ଉଚ୍ଚକୋଟୀର

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଜଗତସିଂହପୁର ପୁସ୍ତକ ମେଳାର ରୌପ୍ୟ ଜୟନ୍ତୀ ସମାରୋହ-୨୦୨୪ ବିଶିଷ୍ଟ ବାଗ୍ମୀ ଓ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ କରକମଳରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପଣ୍ଡିତ୍ ମିଶ୍ର କହିଥିଲେ ଯେ ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ କୃପା ଲାଭ କରିବାର ସୁଯୋଗ ମୋତେ ମିଳିଛି। ସେ ଆହୁରି କହିଥିଲେ ଯେ ଜଗତସିଂହପୁର ପୁସ୍ତକ ମେଳା ରାଜ୍ୟର ଅନ୍ୟ ପୁସ୍ତକ ମେଳା ଠାରୁ ସ୍ୱତନ୍ତ୍ର ଓ ଅନନ୍ୟ। ସାହିତ୍ୟ ଏବେ ଆତ୍ମପ୍ରଚାର ସର୍ବସ୍ୱ ଏବଂ ଗୋଷ୍ଠୀବାଦ ମଧ୍ୟରେ କବଳିତ। ଏଥିରୁ ଆମକୁ ବାହାରିବାକୁ ପଡ଼ିବ। ଏହି ଉଦ୍‌ଘାଟନ ସଭାରେ ଜଗତସିଂହପୁରର ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ପୁସ୍ତକର ବିଲୁପ୍ତି ନାହିଁ କିମ୍ବା ପୁସ୍ତକର ଶେଷ ନାହିଁ। ମା' ଶାରଳାଙ୍କ ମାଟିର ସଂସ୍କୃତି, ସଭ୍ୟତା ଓ ସାହିତ୍ୟ ଉଚ୍ଚକୋଟୀର। ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ପାଇଁ ସରକାରଙ୍କ ପ୍ରଚେଷ୍ଟା ଜାରି ରହିଛି। ଅନ୍ୟତମ ସମ୍ମାନନୀୟ ଅତିଥି ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ୍ କହିଥିଲେ ଯେ ଶିକ୍ଷା ହେଉଛି ମଣିଷ ଜୀବନର ପୂର୍ଣ୍ଣତାର ମାପକାଠି। ସାହିତ୍ୟ ଓ ସମାଜ ପରସ୍ପର ପରିପୂରକ। ସାହିତ୍ୟ ହିଁ ସମାଜର ଦର୍ପଣ ସଦୃଶ୍ୟ। ସମ୍ମାନନୀୟ ଅତିଥି ଜଗତସିଂହପୁର ମ୍ୟୁନିସିପାଲଟି ଅଧକ୍ଷା ଅର୍ଚ୍ଚନା ସିଂ କହିଥିଲେ ପୁସ୍ତକ ପଠନ ଜ୍ଞାନ ବୃଦ୍ଧି କରିବା ସହିତ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିଥାଏ। ସାଂସ୍କୃତିକ ପରିଷଦର ଅଧକ୍ଷା ତଥା ଜଗତସିଂହପୁର ଜିଲ୍ଲାପାଳ ପାରୁଲ୍ ପଟ୍ଟାୱରୀଙ୍କ ସଭାପତିତ୍ୱ କରି କହିଥିଲେ ଯେ ସମସ୍ତେ ପୁସ୍ତକ ପଢନ୍ତୁ। ଅଭିଭାବକମାନେ ପିଲା ମାନଙ୍କୁ ବହି ପଠନର ଅଭ୍ୟାସ କରାନ୍ତୁ। ଅନୁଷ୍ଠିତ ଉତ୍ସବରେ ପରିଷଦର ସଭ୍ୟ ଅଧାପକ ଭଗବାନ ଦାଶ ବେଦପାଠ କରିଥିଲେ। ପରିଷଦର କାର୍ଯ୍ୟକାରିଣୀ ସଭ୍ୟ ମନୋଜ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଶିଷ୍ଟ କ୍ରୀଡ଼ା ସଂଗଠକ ସ୍ୱର୍ଗତ ଦେବୀପ୍ରସାଦ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଆସର ଉତ୍ସର୍ଗ କରିଥିଲେ। ଏହି ଅବସରରେ ଜ୍ୟୋତ୍ସ୍ନା କୁମାରୀ ନାୟକଙ୍କ 'ବିମୁଗ୍ଧ ହସ୍ତାକ୍ଷର' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହା ସହିତ ପୁସ୍ତକ ମେଳାର ପ୍ରତିଷ୍ଠାତା ସଦସ୍ୟ ହେମନ୍ତ କୁମାର ରଥ, ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଗୋପାଳକୃଷ୍ଣ ମିଶ୍ର, ଅମ୍ବିକା ପ୍ରସାଦ ମହାନ୍ତି, ଭଗବାନ ଦାଶ ଓ ପ୍ରଦୀପ୍ତ କିଶୋର ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ସମ୍ପାଦକ ଶାରଦା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟୁଷରେ ଜଗତସିଂହ ପୁରର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ନିକଟରୁ ଶାରଳା ଜ୍ୟୋତି ଅଣାଯାଇ ଥିଲା। ସ୍ଥାନୀୟ ଚର୍ଚ୍ଚିକା ବଜାର ନିକଟସ୍ଥ ତ୍ରିନାଥ ମନ୍ଦିର ନିକଟରେ ଜ୍ୟୋତି ପହଞ୍ଚିବା ପରେ ପରେ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ନିଆଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ପୁସ୍ତକ ମେଳା ପରିସରରେ ସ୍ଥାପନ କରାଯାଇଥିଲା। ଏହି ଜ୍ୟୋତି ଶୋଭାଯାତ୍ରାରେ ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ଜଗତସିଂହ ପୁର ପୌରାଧକ୍ଷା ଅର୍ଚ୍ଚନା ସିଂ, ସାଂସ୍କୃତିକ ପରିଷଦ କାର୍ଯ୍ୟକାରୀ ଅଧକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ୍ କୁମାର ଜେନାଙ୍କ ସମେତ ପରିଷଦର ସମସ୍ତ ଉପସ୍ଥିତ ରହିଥିଲେ।




**OFFICE OF THE NOTIFIED AREA COUNCIL, GUDARI** C-2370
AT/PO/PS - GUDARI. DISTRICT RAYAGADA, PIN-765026
Email id: - gudarin.hudyi@nic.in web-www.gudarmac.in

**Tender Call Notice**

Tender Reference No.88 Date 16.01.2024

1. Type of Work : Service 2.Total no. of works : 01 (01) nos. of individual work. 3. Estimate Cost : 23,48,400/- 4. Period of contract : 1 (one) year 5. Date and time of Bid documents available in website (www.rayagada.nic.in/ www.gudarinac.in) : 5 P.M of 16.01.2024 to 5. P.M of 24.01.2024. 6. The last date and time for receipt of application: 5.00 P.M of 24.01.2024. 7. Date of opening of Technical Bid : 25.01.2024 at 11.30 A.M, Gudari NAC. 8. Name and address of the Officer Invited Bid Executive Officer, NAC, Gudari. Further details can be downloaded from the District Website of Rayagada (www.rayagada.nic.in)and official website of Gudari NAC (www.gudarmac.in).

Sd/- Executive Officer,
NAC, Gudari

OIPR-13184/11/0009/2324

Email : eerw_jharsuguda@yahoo.co.in
Tel. : 06645-271643

Government of Odisha,
Office of the Superintending Engineer,
Rural Works Division, Jharsuguda

O-2236

Bid Identification No. Online - SEJSG - 26 of 2023-24
**NOTICE INVITING TENDER FOR WEIR WORK IN ODISHA**
NATIONAL COMPETITIVE BIDDING THROUGH e-Procurement

| | | |
|---|---|---|
| 1. | Name of the work | : Weir works as per DTCN available in the www.tendersorissa.gov.in |
| 2. | Total No. of Work | : 01 (One) No. |
| 3. | Estimated Cost | : Rs. 65.27 Lakh |
| 4. | Period of completion | : 04 (Four) Calender Months |
| 5. | Period and Time of availability of bid document in the portal for bidding | : Dt. 19.01.2024 at 11.00 A.M. to 29.01.2024 upto 05.00 P.M. |
| 6. | Date and Time of bid opening | : Dt. 30.01.2024 at 11.00 A.M. |
| 7. | Name and address of the officer inviting Bid | : S.E., R.W.Division, Jharsuguda |

(1) Other details can be seen from Detailed notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd/- Superintending Engineer
R.W. Division, Jharsuguda

OIPR-25104/11/0036/2324

ଭୁବନେଶ୍ୱର
୧୯ ଜାନୁଆରୀ
ଶୁକ୍ରବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

### କ୍ୟାମ୍ପ୍‌ରୁ ବିପୁଳ ମାଓ ସାମଗ୍ରୀ ଜବତ

# ୨୫ରୁ ୩୦ ମାଓବାଦୀ ଦେଲେ ଛତ୍ରଭଙ୍ଗ : ଦକ୍ଷିଣାଞ୍ଚଳ ଆଇଜି

**ବ୍ରହ୍ମପୁର ୧୮।୧ ନ୍ୟୁଜ ବ୍ୟୁରୋ**
କନ୍ଧମାଳ-ବୌଦ୍ଧ ସୀମାନ୍ତ ଜଙ୍ଗଲରେ ମାଓ କ୍ୟାମ୍ପ ଠାବ କରିଛି ପୋଲିସ । ବିପୁଳ ପରିମାଣରେ ମାଓ ସାମଗ୍ରୀ ଜବତ କରିବା ସହ ୨୫ରୁ ୩୦ ମାଓବାଦୀ ଛତ୍ରଭଙ୍ଗ ଦେଇଛନ୍ତି । ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଥିବା ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ କହିଛନ୍ତି । ବୁଢ଼ାଖୋଲ ଜଙ୍ଗଲରେ ମାଓ କ୍ୟାମ୍ପ ଧ୍ୱଂସ ହୋଇଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବୁଢ଼ାଖୋଲ ଓ ମାତାକୁପା ଜଙ୍ଗଲରେ ଏସ୍‌ଓଜି ଯବାନଙ୍କ କମ୍ବିଂ ଅପରେସନ ଜାରି ରହିଥିବା ବେଳେ ପୋଲିସ ପକ୍ଷରୁ ଗୋଟିଏ ମାଓ କ୍ୟାମ୍ପ ଠାବ



କରାଯାଇଥିଲା । ପରେ ମାଓବାଦୀଙ୍କୁ ଆତ୍ମସମର୍ପଣ କରିବାକୁ ପୋଲିସ ପକ୍ଷରୁ କୁହାଯାଇଥିଲା । କିନ୍ତୁ ମାଓବାଦୀମାନେ ଗୁଳି ଚଳାଇଥିବା ବେଳେ ଦୀର୍ଘ ସମୟ ଧରି ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା । ପରେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ ମାଓବାଦୀମାନେ ଏବଂ ମାଓ କ୍ୟାମ୍ପକୁ ଠାବ କରି ପୋଲିସ ସେଠାରୁ ବିପୁଳ ମାଓ ସାମଗ୍ରୀ ଜବତ କରିଥିବା ସୂଚନା ମିଳିଛି । ତେବେ ଜବତ ମାଓ ସାମଗ୍ରୀ ମଧ୍ୟରେ ବହୁ ପରିମାଣର ଆଇ.ଇ.ଡି ଲ୍ୟାଣ୍ଡମାଇନ, ବିଦ୍ୟୁତ ତାର ସହିତ ବହୁ ବିସ୍ଫୋରକ ଜବତ କରିଛି ପୋଲିସ । ତେବେ ମାଓ କ୍ୟାମ୍ପ ଧ୍ୱଂସ ହେବା ପରେ ଯବାନଙ୍କ ପକ୍ଷରୁ କମ୍ବିଂକୁ ଜୋରଦାର କରାଯାଇଛି । ସର୍ଚ୍ଚ ଅପରେସନ ମଧ୍ୟ ଜୋରଦାର କରାଯାଇଛି ।



ଭୁବନେଶ୍ୱର : ଓୟୁଏଟି ପରିସରରେ ଥିବା ଗେଣ୍ଡୁଫୁଲ କ୍ଷେତରେ ଜଣେ କର୍ମଚାରୀ ପାଣି ଦେବାରେ ବ୍ୟସ୍ତ । (ଫଟୋ : ସମ୍ବାଦ କଳିକା)

### କୂଅରୁ ଯାଆଁଳା ଶିଶୁଙ୍କ ମୃତଦେହ ଉଦ୍ଧାର ଘଟଣା

# ନିଜେ ମାଆ ମାରିଥିବା କହିଲେ ଯାଆ

**ଅନୁଗୁଳ ୧୮/୦୧ ନ୍ୟୁଜ ବ୍ୟୁରୋ**
କୂଅରୁ ଯାଆଁଳା ଶିଶୁଙ୍କ ମୃତଦେହ ଉଦ୍ଧାର ଘଟଣା । ଶିଶୁଙ୍କ ମାଆ ହିଁ ୨ ଶିଶୁଙ୍କୁ ମାରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମା' ମାରିଥିବା ନେଇ ସ୍ୱୀକାର କରିଥିବା କହିଲେ ମହିଳାଙ୍କ ଯାଆ । ଅଭିଯୋଗ ପରେ ମା'କୁ ଥାନାରେ ଅଟକ ରଖିଛି ପୋଲିସ । ବୁଧବାର ଘର ପଛପଟ କୂଅରୁ ୨ ଶିଶୁଙ୍କ ମୃତଦେହ ମିଳିଥିଲା । ଅନୁଗୁଳ ବନ୍ତଲା ଥାନା ବସଲା ଗାଁ ମୁଣ୍ଡାଡିପ ସାହିରେ ଘଟିଥିଲା ଏହି ଘଟଣା । ସୂଚନା ଥାଉକି, ଅନୁଗୁଳ ଜିଲ୍ଲା ବନ୍ତଲା ଥାନା ମୁଣ୍ଡାଡ଼ିପ ସାହିରେ କୂଅରୁ ଯାଆଁଳା ଶିଶୁଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ମୃତ ଯାଆଁଳା ଶିଶୁ ୩ ରୁ ୪ ମାସର ହୋଇଥିବା ବେଳେ ଜଣେ ପୁଅ ଓ ଅନ୍ୟ ଜଣେ ଝିଅ ଥିବା ଜଣାପଡ଼ିଛି । ମୃତ ଶିଶୁ ଦୁଇଜଣ ସୁନୀଲ ସାହୁଙ୍କ ଯାଆଁଳା ଛୁଆ । ପୂର୍ବ ସୂଚନା ଅନୁଯାୟୀ ଛୁଆ ଦୁଇ ଜଣ ଘରେ ଶୋଇଥିଲେ । ଆଉ ସୁନୀଲଙ୍କ ସ୍ତ୍ରୀ ତପସ୍ୱିନୀ ପଡ଼ିଶା ଘରକୁ ଯାଇଥିଲେ । କିଛି ସମୟ ପରେ ଫେରିଲା ବେଳକୁ ଛୁଆ ଦୁଇ ଜଣ ବିଛଣାରେ ନଥିଲେ । ତେଣୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ । ମାତ୍ର ଦୁଇ ଶିଶୁଙ୍କର କୌଣସି ସନ୍ଧାନ ପାଇ ନଥିଲେ । ଆଉ ସନ୍ଧ୍ୟା ସମୟରେ ଘର ପଛପଟ ବାଡ଼ିରେ ଥିବା କୂଅରେ ଜଣେ ଶିଶୁର ମୃତଦେହ ଭାସୁଥିବାର ଦେଖିବାକୁ ପାଇଥିଲେ । ସେଇ କୂଅ ଭିତରେ ବହୁ ଖୋଜିବା ପରେ ଦୁଇ ଶିଶୁଙ୍କ ମୃତଦେହ ମିଳିଥିଲା ।


ସମ୍ପାଦକୀୟ ପୃଷ୍ଠା–୪
THE UTKAL DEEPIKA
ବଢ଼ିଲା ବିଏସ୍‌କେୱାଇ- ନବୀନ କାର୍ଡର ପଞ୍ଜିକରଣ ଅବଧି
ଜାନୁଆରୀ ୨୬ ପର୍ଯ୍ୟନ୍ତ କରିପାରିବେ ଆବେଦନ
ଆରମ୍ଭ ହେଲା ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା
ଦୁଲୁକୁଛି ବରଗଡ଼ : ଚାଲିଲା କଂସ ରାଜୁତି

## ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବ ଅର୍ପଣ ରଥରେ ସଂଗୃହିତ ଅର୍ଘ୍ୟ

**ପୁରୀ, ୧୮/୧ ନ୍ୟୁଜ ବ୍ୟୁରୋ**
ଭକ୍ତ ଦେଇଥିବା ଅର୍ଘ୍ୟ ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବ । ଅର୍ପଣ ରଥରେ ମହାପ୍ରଭୁଙ୍କ ପାଇଁ ସଂଗୃହିତ ସମସ୍ତ ସାମଗ୍ରୀ ଚାଉଳ, ଗୁଆ ଓ ଶ୍ରୀଫଳ ଆଦି ଅର୍ଘ୍ୟ ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବ । ଏନେଇ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଅର୍ପଣ ରଥ ଘୁରି ବୁଲିଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚାଉଳ, ଗୁଆ ଓ ଶ୍ରୀଫଳ ପ୍ରଦାନ କରିଥିଲେ ।

### ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ସମାରୋହ

# ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ସରକାରଙ୍କ ଉଦ୍ୟମ ଅବ୍ୟାହତ

**ଭୁବନେଶ୍ୱର, ୧୮/୧ ନ୍ୟୁଜ ବ୍ୟୁରୋ**
ରାଜ୍ୟ ସରକାର ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଉଦ୍ୟମ ଅବ୍ୟାହତ ରଖୁଛନ୍ତି । ରାଜ୍ୟରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଖ୍ୟାତି ସଂପନ୍ନ ଆଇଆଇଟି, ଏମସ୍, ନାଇଜର, ଆଇଜର, ଧାନ ଗବେଷଣା କେନ୍ଦ୍ର, ଧାତୁ ଓ ଖଣିଜ ଦ୍ରବ୍ୟ ପ୍ରତିଷ୍ଠାନ, ଜୀବବିଜ୍ଞାନ ପ୍ରତିଷ୍ଠାନ ଓ ଆରଏମସି ପରି ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଥିବାବେଳେ ବିଜ୍ଞାନ ଓ କାରିଗରୀ ବିଭାଗ ଅଧୀନରେ ଓର୍‌ସାକ୍ ସମେତ ରାଜ୍ୟ ବିଜ୍ଞାନ ଓ କାରିଗରୀ ପରିଷଦ କାର୍ଯ୍ୟ କରୁଛି । ଆମ ଜୀବନଧାରାରେ ବିଜ୍ଞାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ଏବଂ ବିକାଶ ପ୍ରକ୍ରିୟାରେ ଏହାର ଅବଦାନ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଲ୍ଲେଖ କରିଛନ୍ତି । ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ବିଭାଗ ଅଧିନସ୍ଥ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ୨୦୨୧ ଏବଂ ୨୦୨୨ ମସିହା ପାଇଁ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ସମ୍ବର୍ଦ୍ଧିତ ଓ ପୁରସ୍କୃତ ବୈଜ୍ଞାନିକମାନଙ୍କୁ




ଅଭିନନ୍ଦନ ଜଣାଇବା ସହିତ ଏକାଡେମୀର କାର୍ଯ୍ୟକଳାପକୁ ପ୍ରଶଂସା କରିଛନ୍ତି ।
କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ ବୈଷୟିକ, ଯୋଜନା ଓ ସଂଯୋଜନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ର ଅରୁମୁଗମ୍ କହିଥିଲେ ଯେ ବିଜ୍ଞାନର ଜୟଯାତ୍ରା ଅବ୍ୟାହତ ରହିଛି । ରୋବୋଟିକ୍ସ, ପ୍ରତିଷେଧକ ଟିକା ଉତ୍ପାଦନ ଏବଂ କୃତ୍ରିମ ବୁଦ୍ଧିମତ୍ତା ପରି ଅଭିନବ ଅବଦାନଗୁଡ଼ିକୁ ମିଶାଇ ଗବେଷଣା କ୍ଷେତ୍ରରେ ନୂତନ ଦିଗଗୁଡ଼ିକ ଉନ୍ମୋଚିତ ହେବାରେ ଲାଗିଛି । ଓଡ଼ିଶାରେ ବିଜ୍ଞାନ ଏକାଡେମୀ, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ, ବିଜ୍ଞାନ କେନ୍ଦ୍ର, ପ୍ଲାନେଟୋରିୟମ୍ ଓ ବାୟୋଟେକ୍‌ନୋଲୋଜି ପାର୍କ ଇତ୍ୟାଦି ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଶିକ୍ଷକମାନଙ୍କୁ ଉଚ୍ଚତର ତାଲିମ ଦେବାରେ ବିଭାଗ ଗୁରୁତ୍ୱ ଦେଇଛି । ଏକାଡେମୀ ପକ୍ଷରୁ ପ୍ରକାଶିତ ପତ୍ରିକାର ବ୍ରେଲି ସଂସ୍କରଣ ପ୍ରକାଶ ପାଉଛି ବୋଲି ସେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ବିଜ୍ଞାନ ଏକାଡେମୀର ସଭାପତି ପ୍ରଫେସର ବିଭୂତି ଭୂଷଣ ମିଶ୍ର ପୌରୋହିତ୍ୟ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ ।
ଏହି କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କୁ ୨୦୨୧ ମସିହା ଓ ପ୍ରଫେସର ବିଦ୍ୟୁତ୍ କୁମାର ଦାସଙ୍କୁ ୨୦୨୨ ମସିହା ପାଇଁ ବୈଜ୍ଞାନିକ ଉତ୍କର୍ଷ ନିମନ୍ତେ 'ବିଜୁ ପଟ୍ଟନାୟକ ପୁରସ୍କାର' ସ୍ୱରୂପ ଦୁଇ ଲକ୍ଷ ଟଙ୍କା, ପଦକ, ମାନପତ୍ର, ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଅନୁରୂପ ଭାବରେ ୨୦୨୧ ମସିହା ପାଇଁ ଡ. ସୁବାସିନୀ ଲେଙ୍କା, ଡ. ନିଖିଳାନନ୍ଦ ପାଣିଗ୍ରାହୀ, ପ୍ରଫେସର ଗଣପତି ପଣ୍ଡା, ଡ. ଧୀରେନ୍ଦ୍ର କୁମାର ଦାସ, ଡ. ରାମଚନ୍ଦ୍ର ମହାନ୍ତି ଏବଂ ୨୦୨୨ ମସିହା ପାଇଁ ଡ. ସୁବୋଧ କୁମାର ସାହୁ, ଡ. ବିଜୟକେତନ ପଟ୍ଟନାୟକ, ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ପ୍ରଫେସର ସତ୍ୟବାନ ଜେନା ଓ ଡ. ମନୋରଞ୍ଜନ କରଙ୍କୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ବରିଷ୍ଠ ବୈଜ୍ଞାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ୨୦୨୧ ମସିହା ପାଇଁ ପ୍ରଫେସର ହୃଦୟନାଥ ଥାଟୋଇ, ଡ. ବିକାଶ କୁମାର ଜେନା, ଡ. ଅଶୋକ କୁମାର ସାହୁ ଓ ପ୍ରଫେସର ଡ. ନାରାୟଣ ପ୍ରସାଦ ପାଢ଼ୀ ଏବଂ ୨୦୨୨ ମସିହା ପାଇଁ ପ୍ରଫେସର ରମେଶ ଚନ୍ଦ୍ର ପାତ୍ର, ଡ. ଭାଗ୍ୟଧର ଭୋଇ ଓ ପ୍ରଫେସର ଦେବୀପ୍ରସନ୍ନ କାନୁନ୍‌ଗୋଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପ୍ରଦାନ କରାଯାଇଛି । ପ୍ରାପକମାନଙ୍କୁ ପ୍ରତ୍ୟେକ ୧ ଲକ୍ଷ ଟଙ୍କା ଅର୍ଥରାଶି ସହିତ ପଦକ, ମାନପତ୍ର, ପ୍ରମାଣ ପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଛି । 'ଓଡ଼ିଶା ଯୁବ ବୈଜ୍ଞାନିକ ପୁରସ୍କାର' ବର୍ଗରେ ୨୦୨୧ ମସିହା ପାଇଁ ଡ. ବାସୁଦେବ କର, ଡ. ସ୍ୱାଗତିକା ଦାଶ, ଡ. ବିଷ୍ଣୁପ୍ରସାଦ ବିଶ୍ୱାଳ ଏବଂ ୨୦୨୨ ମସିହା ପାଇଁ ଡ. ସୌମ୍ୟରଞ୍ଜନ ଜେନା, ଡ. ଉତ୍ତମ କୁମାର ପାଣିଗ୍ରାହୀ, ଡ. ସୌମ୍ୟ ପ୍ରକାଶ ଦାଶ ଓ ଡ. ରେଖା ବିଶ୍ୱାଳଙ୍କୁ ଉଲ୍ଲେଖନୀୟ ଗବେଷଣା ପାଇଁ ପଚିଶ ହଜାର ଟଙ୍କା, ମାନପତ୍ର, ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ୨୦୨୧ ମସିହା ପାଇଁ ଶ୍ରୀ ଅରୁଣ କୁମାର ପାତ୍ର ଓ ଡ. ଅସିତ୍ କୁମାର ସ୍ୱାଇଁ ଏବଂ ୨୦୨୨ ମସିହା ପାଇଁ ଶ୍ରୀ କାର୍ତ୍ତିକ ସ୍ୱାଇଁ ଓ ଡ. ଶୁଭେନ୍ଦୁ ପଟ୍ଟନାୟକଙ୍କୁ 'ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର'ରେ ସମ୍ବର୍ଦ୍ଧିତ କରାଯିବା ସହ ପ୍ରତ୍ୟେକଙ୍କୁ ପଚିଶ ହଜାର ଟଙ୍କା, ମାନପତ୍ର, ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଶେଷରେ ଏକାଡେମୀର ସଂପାଦକ ପ୍ରଫେସର ଆଶିଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.–୪୬୪, ଶହୀଦନଗର, ଭୁବନେଶ୍ୱର–୭୫୧୦୦୭
ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ବଦଳିଲେ ୪ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ

**ଭୁବନେଶ୍ୱର, ୧୮/୧ ନ୍ୟୁଜ ବ୍ୟୁରୋ**
ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୪ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଙ୍କ ବଦଳି କରିଛନ୍ତି । ସୁବର୍ଣ୍ଣପୁର, ନୟାଗଡ଼, ବଲାଙ୍ଗିର ଓ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳଙ୍କ ବଦଳି ହୋଇଛି । ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଆଉ ଜଣେ ଓଏଏସ୍ ଅଫିସରଙ୍କୁ ଉପପ୍ରଶାସକ ଭାବେ ନିଯୁକ୍ତି ମିଳିଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ସୁବର୍ଣ୍ଣପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ବରିଷ୍ଠ ଓଏଏସ୍ ସୂର୍ଯ୍ୟନାରାୟଣ ଦାସଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରିଛନ୍ତି । ସେହିପରି ନୟାଗଡ଼ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବରିଷ୍ଠ ଓଏଏସ୍ ଅଫିସର ସୁଚାରୁ କୁମାର ବଳଙ୍କୁ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ପାଟଣାଗଡ଼




ଉପଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କୁ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ସେଠାରେ ଥିବା ବରିଷ୍ଠ ଓଏଏସ୍ ଲମ୍ବୋଧର ଧରୁଆଙ୍କୁ ନୂଆପଡ଼ା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି । ସେହିପରି ଯାଜପୁର ଉପଜିଲ୍ଲାପାଳ ଗୋପିନାଥ କହଁରଙ୍କୁ ପୁରୀ ଉପଜିଲ୍ଲାପାଳ ଓ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କୁ ଭଦ୍ରକ ସିଡିଏମଓ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ଭାବେ ବଦଳି ହୋଇଛି । ସେହିପରି ପୁରୀ ଉପଜିଲ୍ଲାପାଳ ଓଏଏସ୍ ଅଫିସର ଭାବତରଣ ସାହୁଙ୍କୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଉପପ୍ରଶାସକ ଭାବେ ଅବସ୍ଥାପିତ କରାଯାଇଛି । ବଲାଙ୍ଗିର ତହସିଲଦାର ଅମିତ୍ କୁମାର ନାୟକଙ୍କୁ ପାଟଣାଗଡ଼ ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି । ଓଏଏସ ଅଫିସରସ୍ତରରେ ଏହି ବଦଳି ବିଜ୍ଞପ୍ତି ପ୍ରକାଶ ପାଇଛି ।

# ଲୁଟେରା ଗ୍ୟାଙ୍ଗର ଦୁଇ ସଦସ୍ୟଙ୍କୁ ଧରିଲା କମିସନରେଟ ପୁଲିସ

**ଭୁବନେଶ୍ୱର, ୧୮/୧ ନ୍ୟୁଜ ବ୍ୟୁରୋ**
ଗୁଜରାଟ, ଓଡ଼ିଶା, ୟୁପି, ଆନ୍ଧ୍ର ପ୍ରଦେଶ, ଦିଲ୍ଲୀ, ମହାରାଷ୍ଟ୍ର, ରାଜସ୍ଥାନ ଅଞ୍ଚଳରେ ଆପର୍ଟମେଣ୍ଟ ଲୁଟ୍ କରି ଆତଙ୍କ ଖେଳାଇଥିବା ମୋଷ୍ଟ ୱାଣ୍ଟେଡ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି କମିସନରେଟ ପୁଲିସ ଓ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି । ସେମାନଙ୍କଠାରୁ ନଗଦ ୨ ଲକ୍ଷ ଟଙ୍କା, ମୋବାଇଲ ଫୋନ ଏବଂ ଅପରାଧରେ ବ୍ୟବହୃତ ଗାଡ଼ି ଜବତ କରାଯାଇଛି । ଡିସିପିଙ୍କ କହିବା ଅନୁଯାୟୀ, ଗତ ବର୍ଷ ଡିସେମ୍ବର ୨୩ ତାରିଖରେ ନିରୁପମା ଆପର୍ଟମେଣ୍ଟରେ ଲୁଟ୍ କରି ଚମ୍ପଟ ମାରିଥିଲେ ଏହି ଗ୍ୟାଙ୍ଗ । ୧୩ ଲକ୍ଷ ଟଙ୍କା ଚୋରି କରି ନେଇଥିଲେ ଏହି ଗ୍ୟାଙ୍ଗ । ଏମାନେ ରାଜ୍ୟ ବାହାରୁ ଆସି ଏଠାରେ ଲୁଟ୍ କରୁଥିଲେ । ଗ୍ୟାଙ୍ଗ ସବୁ ରାଜ୍ୟରୁ ବୁଲିବୁଲି ଲୁଟୁଛନ୍ତି । ଗ୍ୟାଙ୍ଗ ସିକ୍ୟୁରିଟି



କମ ଥିବା ଆପର୍ଟମେଣ୍ଟକୁ ଟାର୍ଗେଟ କରୁଛନ୍ତି । ଲୁହା ଗ୍ରିଲ ବା ବାହାରୁ ତାଲା ପଡୁଥିବା ଘରକୁ ଟାର୍ଗେଟ କରନ୍ତି । ମାତ୍ର ୧୦ ମିନିଟରେ ଘର ଖାଲି କରି ଦିଅନ୍ତି ଏମାନେ । ମୁଖ୍ୟ ଦ୍ୱାରକୁ ଭାଙ୍ଗି ଲୁଟୁଛନ୍ତି । ଏହା ଏକ ବଡ଼ ଗ୍ୟାଙ୍ଗ । ଏହି ଗ୍ୟାଙ୍ଗରେ ୨୦ଜଣ ସଦସ୍ୟ ଅଛନ୍ତି । ଗୁଜୁରାଟର ଦିନେଶ କୁମାର ସାହା ଏବଂ ହରିୟାଣାର ପବନ କୁମାର ଗାଡ଼ିରେ ଆସି ଲୁଟ୍ କରି ଫେରାର ହୋଇଯାନ୍ତି । ପୂର୍ବରୁ ଏମାନେ ଗୁଜୁରାଟରେ ଧରା ପଡ଼ିଥିଲେ । ଜେଲରେ ଅନ୍ୟ ରାଜ୍ୟର ଚୋରଙ୍କ ସହ ମିଶି ଗ୍ୟାଙ୍ଗ ତିଆରି କରିଥିଲେ । ସୋ'ରୁମ୍‌ରୁ ନୂଆ ଗାଡ଼ି କିଣି କ୍ରାଇମ କରି ଫେରାର ହୋଇଯାନ୍ତି ଏମାନେ । ଏମାନଙ୍କ ଅପରାଧିକ ତାଲିକା ପ୍ରସ୍ତୁତ ପାଇଁ ସାରା ଭାରତର ପୁଲିସ ସହ ଯୋଗାଯୋଗରେ ରହିଛି କମିସନରେଟ ପୁଲିସ । ଏହି ଗ୍ରୁପର ଅନ୍ୟ ସଦସ୍ୟ ଏବେବି ଫେରାର । ମହାରାଷ୍ଟ୍ର, ପୁନେ, ଦିଲ୍ଲୀ, ଉତ୍ତରପ୍ରଦେଶ ଓ ଗୁଜୁରାଟରେ ଏମାନଙ୍କ ନାଁରେ ମାଳମାଳ ମାମଲା ରହିଛି । କ୍ରାଇମସିନକୁ ଯାନ୍ତି – ୪ରୁ ୫ଜଣ ସଦସ୍ୟ । ଜଣେ ଡ୍ରାଇଭର, ଅନ୍ୟଜଣେ ବ୍ୟକ୍ତି ଗାଡ଼ିରେ ରହୁଥିବା ବେଳେ ଅନ୍ୟ ତିନିଜଣ ଆପର୍ଟମେଣ୍ଟକୁ ପଶି ଲୁଟନ୍ତି ।


ରବିବାସରୀୟ କଳିକା
ପର୍ଯ୍ୟଟକଙ୍କୁ ତୃପ୍ତି ଦେଉଛି 'ତୃପ୍ତିସଫାରୀ'

## ଗଛରେ ପିଟିହେଲା ଆମ୍ବୁଲାନ୍ସ ଦେଢ଼ବର୍ଷର ଶିଶୁ ମୃତ



**ତୁରୁମୁଙ୍ଗା, ୧୮/୧ ନ୍ୟୁଜ ବ୍ୟୁରୋ**
ପୁଅର ମାନସିକ ପୁରଣ କରିବା ଲାଗି ଘଟଗାଁ ମା'ତାରିଣୀ ଦର୍ଶନ ସାରି ଘରୋଇ ଆମ୍ବୁଲାନ୍ସ ସହାୟତାରେ ଫେରୁଥିବା ସମୟରେ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ପୁରୁଣିଆ ନିକଟରେ ରାସ୍ତା କଡ଼ରେ ଥିବା ଗଛକୁ ଆମ୍ବୁଲାନ୍ସ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଦେଢ଼ ବର୍ଷର ଶିଶୁ ପୁତ୍ରର ମୃତ୍ୟୁ ହେବା ସହ ୪ ଜଣ ଗୁରୁତର ହୋଇଛନ୍ତି । ସୂଚନା ଅନୁସାରେ କଣ୍ଟିଆପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ କନକଲତା ମହାନ୍ତ ତାଙ୍କ ପରିବାର ସହ ଘଟଗାଁ ଯାଇଥିଲେ । ଦର୍ଶନ ସାରି ଘରକୁ ଫେରୁଥିବା ସମୟରେ ଘର ଠାରୁ ଦୁଇ କିଲୋମିଟର ପୂର୍ବରୁ ଏହି ଦୁର୍ଘଟଣା ଘଟିଛି ।

# ସାଇବର ଠକଙ୍କୁ ଧରିପାରୁନି ପୋଲିସ : ଦୁଇ ସପ୍ତାହରେ ୩୬.୮୨ ଲକ୍ଷ ଠକେଇ

**ବ୍ରହ୍ମପୁର, ୧୮/୧ ନ୍ୟୁଜ ବ୍ୟୁରୋ**
ସାଇବର ଠକଙ୍କୁ ଧରିପାରୁ ନାହିଁ ପୋଲିସ । ସାଇବର ଠକ ଏବେ ସହରରେ ଜାଲ୍ ବିଛାଇଛନ୍ତି । ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷିତଙ୍କୁ ଜାଲରେ ଫସାଉଛନ୍ତି । ପୋଲିସ ସଚେତନ କରାଯାଉଥିବା ବେଳେ ସାଇବର ଠକ ନୂଆ ଢ଼ାଞ୍ଚାରେ ଠକେଇ କରୁଛନ୍ତି । ୨୦୨୩ରେ ସାଇବର ଥାନାରେ ୨୯ଟି ଠକେଇ ମାମଲା ରୁଜୁ ହୋଇଥିବା ବେଳେ ଗୋଟିଏ କେସ୍‌ରେ ପୋଲିସ ସଫଳତା ପାଇଥିଲା । ଜଣେ ସାଇବର ଠକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତେବେ ପରବର୍ତ୍ତୀ ସମୟରେ ଆଉ ସାଇବର ଠକଙ୍କୁ ଧରିପାରୁନି ପୋଲିସ । ଚଳିତ ବର୍ଷ ଦୁଇ ସପ୍ତାହ ମଧ୍ୟରେ ପାଞ୍ଚ ଜଣଙ୍କ ଆକାଉଣ୍ଟରୁ ୩୬ ଲକ୍ଷ ୮୨ ହଜାର ଟଙ୍କା ଠକି ନେଇଛନ୍ତି ସାଇବର ଠକ ।



ସାଇବର ଠକେଇକୁ ନେଇ ଏବେ ସହରରେ ଚିନ୍ତା ବଢ଼ିଲାଣି । ଜଣେ ଡ଼ାକ୍ତରଙ୍କୁ ମଧ୍ୟ ସାଇବର ଠକ ଜାଲ୍‌ରେ ଫସାଇ ୨୩ ଲକ୍ଷ ଟଙ୍କା ଆକାଉଣ୍ଟରୁ ଗାଏବ କରିଛନ୍ତି । ପ୍ରତ୍ୟେକ ଦିନ ମୋବାଇଲ୍‌କୁ ଲଟେରି ଉଠାଣ, ଅନ୍‌ଲାଇନ୍ ପାର୍ଟଟାଇମ୍ ଜବ୍, କିଛି ସୁନ୍ଦରୀଙ୍କ ସହ କଥା ହେବା ପାଇଁ ମେସେଜ୍ ଏବଂ ଅନ୍‌ଲାଇନ୍ ଗେମ୍ ଖେଳିବାକୁ ମେସେଜ୍ ଆସୁଛି । କୌଣସି ପ୍ରକାରେ ଯଦି କେହି ଠକମାନେ ପଠାଇଥିବା ଲିଙ୍କ୍‌ରେ କ୍ଲିକ୍ କରୁଛନ୍ତି ସେମାନଙ୍କ ଜାଲ୍‌ରେ ପଡ଼ିଯାଇଛନ୍ତି । ସାଇବର ଠକଙ୍କୁ ଧରିବାକୁ ପୋଲିସ ବିଶେଷ ଉଦ୍ୟମ କରୁନାହିଁ । ଆଧୁନିକ ଟେକ୍ନୋଲୋଜି ନଥିବା ବେଳେ ସେମାନେ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଉପରେ ନିର୍ଭର କରୁଛନ୍ତି । ଅନ୍ୟପକ୍ଷରେ ସାଇବର ଥାନାରେ ମୋବାଇଲ୍ ଟ୍ରାକିଂ କରିବା, ଅନ୍‌ଲାଇନ୍ ଟ୍ରାଞ୍ଜେସନ୍ ଜାଣିବା ପାଇଁ ଆଧୁନିକ ଯନ୍ତ୍ରପାତି ମଧ୍ୟ ନାହିଁ । ଫଳରେ ସାଇବର ଠକେଇ ତଦନ୍ତରେ ବିଳମ୍ବ ହେଉଛି । ଅନ୍ୟପକ୍ଷରେ ତାଲିମ୍ ପ୍ରାପ୍ତ ଏବଂ ଦକ୍ଷତା ସମ୍ପନ୍ନ ଅଫିସର ଓ କର୍ମଚାରୀଙ୍କୁ ଏହି ଥାନାରେ ନିଯୁକ୍ତି ଦିଆଯାଇନାହିଁ । ଅଣ ତାଲିମ୍‌ପ୍ରାପ୍ତ ଅଫିସର ତଦନ୍ତ କରିବାର ସମସ୍ୟା ହେଉଛି । ସେମାନେ ପ୍ରଥମେ ସାଇବର ଅପରାଧ ଧରିବାର ପ୍ରୋସେସ୍ ଜାଣିବାକୁ ସମୟ ଲାଗୁଛି । ସାଇବର ଠକଙ୍କୁ ଧରିବାକୁ ହେଲେ ଅଫିସରମାନେ ସେମାନଙ୍କ ଠାରୁ ଅଧିକ ଦକ୍ଷ ରହିବା ଆବଶ୍ୟକ । ଅନେକ ଛୋଟ ଠକେଇ ଥାନାରେ ଅଭିଯୋଗ ମଧ୍ୟ ହେଉନାହିଁ । ତେବେ ଦୁଇ ସପ୍ତାହ ମଧ୍ୟରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୪ଟି ଏବଂ ବୈଦ୍ୟନାଥପୁର ଥାନାରେ ଗୋଟିଏ ସାଇବର ଠକେଇ ମାମଲା ରୁଜୁ ହୋଇଛି । କେଶବ ନଗର ୩ୟ ଲାଇନ୍ ବାସିନ୍ଦା ନରସିଂହ ମହାନ୍ତିଙ୍କ କେୱାଇସି ଅପ୍‌ଡ଼େଟ୍ କରିବାକୁ କହି ୧.୮୫ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି । ବଡ଼ ବଜାର ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଟେଲିଗ୍ରାମରେ କିଛି ମେସେଜ୍ ଆସିଥିଲା । ତାଙ୍କୁ ଜାଲ୍‌ରେ ପକାଇ ୩ ଲକ୍ଷ ୭୮ ହଜାର ଟଙ୍କା ଠକି ନେଇଥିଲେ । ସେହିପରି ପେଟ୍ରୋଲ୍ ପମ୍ପ୍ ଏଜେନ୍ସି ଦେବା ନାଁରେ ଆଉ ଜଣେ ବ୍ୟକ୍ତିଙ୍କ ଠାରୁ ୩ଲକ୍ଷ ୩୬ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା । ଏହି ଦୁଇଟି ମାମଲା ସାଇବର ଥାନାରେ ଗତ ୭ ତାରିଖରେ ରୁଜୁ ହୋଇଛି । ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡ଼ା ରାସ୍ତା ବ୍ରଜନଗର ୩ୟ ଗଳିର ଏ. ସଞ୍ଜିବ ପାତ୍ର (୨୯)ଙ୍କୁ ଅନ୍‌ଲାଇନ୍‌ରେ ନିଯୁକ୍ତି ଲୋଭ ଦେଖାଇ ୪ ଲକ୍ଷ ୯୭ ହଜାର ଟଙ୍କା ଠକେଇ କରିଥିବା ଗତ ୧୦ ତାରିଖରେ ସାଇବର ଥାନାରେ ଅଭିଯୋଗ ହୋଇଛି । ସେହିପରି ଆଉ ଜଣେ ଡ଼ାକ୍ତରୀ ଛାତ୍ରଙ୍କୁ ଅନ୍‌ଲାଇନ୍‌ରେ ଟଙ୍କା ରୋଜଗାର କରିବାର ଲୋଭ ଦେଖାଇ ୨୩ ଲକ୍ଷ ଟଙ୍କା ଠକି ନେଇଛନ୍ତି । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ର ପିଜି ଛାତ୍ର ନିଶାନ୍ତ ନାୟକ ଘଟଣାକୁ ନେଇ ଗତ ୧୩ ତାରିଖରେ ଅଭିଯୋଗ କରିଛନ୍ତି ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କସୂ : ପ୍ଲଟ୍ ନଂ.–୪୬୪, ଶହୀଦନଗର, ଭୁବନେଶ୍ୱର–୭୫୧୦୦୭
ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com